

ଜୁନ୍ ୨୦୧୯
ମୂଲ୍ୟ : ୨୫ ଟଙ୍କା

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
PRACHEE





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପଞ୍ଚମ ବର୍ଷର ତୃତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଔ 'ପ୍ରାଚୀ'ର କଲମ ଝ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉସ୍ର । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-5, June 2019, Issue No. III
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
**ପ୍ରସନଜିତ୍ ସାହୁ**
ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheevoice.in**

# ଏଇ ସଂଖ୍ୟାରେ...

**ରଜଦୋଳି ଗୀତ**
- ଅଧ୍ୟାପକ ପବିତ୍ର ମୋହନ ବାରିକ ୭

**ଗାନ୍ଧିଜୀଙ୍କ ସ୍ୱପ୍ନ ନାରୀକୁ ସମ୍ମାନ**
- ଅଶ୍ୱିନୀ କୁମାର ସେଠୀ ୧୧

**ପରିଚୟ**
- ବିକେଶ ସାହୁ ୧୩

**ମଣି କାଞ୍ଚନ**
- ଦେବବ୍ରତ ଜେନା ୧୬

**ସଂରକ୍ଷଣ : ରକ୍ଷଣ ନା ଭକ୍ଷଣ ବ୍ୟବସ୍ଥା**
- ଆଦିତ୍ୟ ପ୍ରତାପ ଧଳ ୧୮

**ଭଗବାନଙ୍କ ଇଚ୍ଛା**
- ସୁଧୀର କୁମାର ଦ୍ୱିବେଦୀ ୨୦

**କଳି ଯୁଗର ବନ୍ଧୁ**
- ମହେଶ୍ୱର ସାହୁ ୨୨

**ସମ୍ଭାବନା**
- ସଞ୍ଜୟ କୁମାର ପଣ୍ଡା ୨୪

**ଚମ୍ପାନାନୀର ବାହାଘର**
- ଲିଳାବତୀ ମହାପାତ୍ର ୨୭

**ନିଆରା ଜୀବିକା**
- ଗୀତାଞ୍ଜଳି ନାୟକ ୨୯

**ପବିତ୍ର ସମ୍ପର୍କ**
- ଶ୍ରୀ କୁଞ୍ଜ ବିହାରୀ ସାହୁ ୩୩

**ରାତି**
- ସୁଜାତା ସାହୁ ୩୫

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................

ଠିକଣା ............................................................ ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ.......................................

ବ୍ୟାଙ୍କ୍.......................................... ସ୍ଥାନ...........................................................

ତାରିଖ........................................ ଦସ୍ତଖତ..........................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ରଜଦୋଳି ଗୀତ

**– ଅଧ୍ୟାପକ ପବିତ୍ର ମୋହନ ବାରିକ**

ଭାରତୀୟ ସଂସ୍କୃତିକୁ ପବିତ୍ର ଦେବଭୂମି ଉତ୍କଳର ମହାର୍ଦ୍ଧ୍ୟ ଅନବଦ୍ୟ ଅବଦାନ ଅତୁଳନୀୟ ।ଏହି ପୂଣ୍ୟ ମାଟିର ମହକ,ଐତିହ୍ୟ ଓ ପରମ୍ପରା ସାରା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଓ ସମ୍ମାନ ସୃଷ୍ଟି କରିଛି । ଉତ୍କଳୀୟ ସଂସ୍କୃତି ମହାନ,ଅନନ୍ୟ,ଅତୁଳନୀୟ ତଥା ବିଶ୍ୱବାସୀଙ୍କ ପାଇଁ ପ୍ରେରଣାର ଉତ୍ସ । ଆମ ଓଷା,ବ୍ରତ,ପରମ୍ପରା,ପୂଜା ପର୍ବାଣୀମାନଙ୍କ ମଧ୍ୟରେ ରଜ ପର୍ବ ନିଆରା । ଏହା ଓଡିଆ ଜାତିର ନିଜସ୍ୱ ପର୍ବ ।ଏହା ଔଡିଶା ସମେତ ଅନ୍ୟ ରାଜ୍ୟ ମାନଙ୍କରେ ପାଳନ କରାଯାଉଥିବାର ଦେଖାଯାଏ ନାହିଁ । ଏହାକୁ ଓଡିଶାର ଜାତୀୟ ପର୍ବ କୁହାଯାଏ । ଏହି ପର୍ବର ପରିକଳ୍ପନା ଓଡିଶାର ନିଜସ୍ୱ ବୋଲି ଗବେଷକ ମାନେ ମତବ୍ୟକ୍ତ କରନ୍ତି । ରଜପର୍ଭ ଏକ କୃଷି ଭିତ୍ତିକ ପର୍ବ । ଏହାର ଅନ୍ତର୍ନିହିତ ଦୃଷ୍ଟିଭଙ୍ଗୀ ଓଡିଆ ଜାତିର ଅସ୍ମିତାକୁ ପରିପ୍ରକାଶ କରିବା ସହିତସ୍ନେହ,ପ୍ରେମ,ଶ୍ରଦ୍ଧା ,ଭଲପାଇବା ପରି ମାନବିକ ମୂଲ୍ୟବୋଧକୁ ସାଦରେ ନିମନ୍ତ୍ରଣ କରିଥାଏ । ବର୍ଣ୍ଣ ବୈଚିତ୍ର୍ୟର ଏକ ବର୍ଣ୍ଣାଢ୍ୟ ସଂସ୍କୃତିକ ଉତ୍ସବ ରଜପର୍ବର ସାମାଜିକ ଓ ଧାର୍ମିକ ବ୍ୟବସ୍ଥା ଅତି ହୃଦୟସ୍ପର୍ଶୀ ।ରଜ ପର୍ବ ପ୍ରାୟତଃ ତିନି ଦି ଧରି ପାଳନ କରାଯାଏଗ୍ରୀଷ୍ମର ମାସାନ୍ତକୁ ପହିଲି ରଜ,ଆଦ୍ୟ ଆଷାଢର ପ୍ରଥମ ଦିନକୁ ରଜ ସଂକ୍ରାନ୍ତୀ ଏବଂ ତା ପରଦିନକୁ ଶେଷରଜ ବା ଭୂଇଁ ଦହଣ କୁହାଯାଏ ।କୃଷି ଓ ସାମାଜିକ ଜୀବନ ଚର୍ଯ୍ୟାର ଏହ ନିର୍ଭରଯୌଗ୍ୟ ବାର୍ତ୍ତାବହ ଏହି ଗଣପର୍ବ ରଜ ।ଆମ ଜୀବନ ଓଜିବିକାର ପ୍ରମୁଖ ଆଧାର ବସୁମତୀ ମା ପାଇଁ ଏହି ସର୍ବଜନ ଆଦୃତ ରଜପର୍ବ ସମର୍ପିତ ।ଶ୍ରଦ୍ଧା ୧ ଭକ୍ତିର ସହ ବସୁମତୀ ମାଙ୍କୁ ଏହି ଅବସରରେ ପୂଜା କରାଯଅଏ । ଓଡିଆ ଜାତିର ସଂସ୍କୃତିକ ସଂପଦ ଏହି ରଜପର୍ବର ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ରଜଦୋଳି ଗୀତ ।ଏହି ପର୍ବକୁ ଅଧିକ ମନଲୋଭା ଓ ଚିତାକର୍ଷକ କରିବା ଦିଗରେ ରଜଦୋଳ ଗୀତର ମାଧୁର୍ଯ୍ୟ ଓ ଆବେଗ ଗୁରୁ ଦାୟିତ୍ୱ ବହନ କରିଥାଏ ।

ରଜପର୍ବରେ ରଜଦୋଳି ଗୀତର ସ୍ୱତନ୍ତ୍ର ଆଦର ରହିଛି ।ରଜ ଉତ୍ସବରେ ଦୋଳି ଖେଳିବା ସମୟରେ ଝିଅ ବୋହୂମାନେ ଏହି ଗୀତକୁ ବୋଲିଥାଆନ୍ତି ।ଆବାଳ ବୃଦ୍ଧ ବନିତା କିଏ ବା ନଜାଣେ ଏହି ଗୀତର ମନ ମତାଣିଆ ସ୍ୱରକୁ । ରଜଦୋଳି ଗୀତର ପାରମ୍ପରିକ ସ୍ୱର ଶରୀରରେ ଏକ ଆବେଗ ସୃଷ୍ଟିକରେ ।

ରଜଦୋଳିର ଗୀତ ସମୃଦ୍ଧ ଓଡିଆ ଲୋକଗୀତର ଏକ ମହାନ ଅଂଶ ବିଶେଷ ।ତତ୍ କାଳୀନ ସମୟରେ ପଲ୍ଲୀ ପ୍ରକୃତିର କୋଳରେ ବଢିଥିବା ସେହି ନିରିହ ଓ ନିଷ୍କପଟ କବିପ୍ରାଣ ମାନଙ୍କର ସୃଜନ ସୃଷ୍ଟି ଏହି ରଜଦୋଳି ଗୀତ ।ରଜଦୋଳି ଗୀତରେ କୌଣସି କବିଙ୍କର ନାମ ଉଲ୍ଲେଖି କରାଯାଇ ନାହିଁ ।ସମୟର ପରିବର୍ତ୍ତନରେ ଏହି ଲୋକଗୀତଟି ନିଜର ମୌଳିକତାକୁ କେବେ ହରାଇ ବସିନାହିଁଗ୍ରାମ୍ୟ ଜୀବନର ଜୀବନ ଚର୍ଯ୍ୟାର ବାସ୍ତବ ପରିପ୍ରକାଶ,ଏଥିରେ ରହିଛି ତତ୍ କାଳୀନ ସମାଜର ରିତିନୀତି,ପ୍ରଥା , ବିଶ୍ୱାସ,ଓ ଭାବଧାରାର ଅନ୍ତରଙ୍ଗ ଜୀବନ୍ତ ସ୍ମୃତି ।ଦୋଳି ଗୀତରେ ପଲ୍ଲୀ ପ୍ରକୃତିର ସୁନ୍ଦର ଉପସ୍ଥାପନା ଓ ସମାଜରେ ବାସ୍ତବ ଚିତ୍ର ସ୍ଥାନ ପାଇଛି । ଓଡିଆ ସମାଜର ଅଚାର ,ବିଚାର,ରୁଚି ଓ ବିଧି ବ୍ୟବସ୍ଥା ଏ ସମସ୍ତଙ୍କର ସୁଖର ବର୍ଣ୍ଣନା ରଜଦୋଳି ଗୀତରେ ସୁନ୍ଦର ଭାବରେ ଅଳଙ୍କୃତ ହୋଇଅଛି । ଏହି ଗୀତ ମାନବ ଧର୍ମର ପ୍ରତିବଦ୍ଧତା ଓ ସୃଜନଶୀଳତାର ଏକ ଜ୍ୱଳନ୍ତ ଉଦାହରଣ । ସମାଜରେ ଏହାର ଅଖଣ୍ଡ ପ୍ରଭାବକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଏକ ଶୃଙ୍ଖଳିତ,ସଂଗଠିତ ଏବଂ ଉତ୍ତରଦାୟୀ ସମାଜ ଗଠନର ବାର୍ତ୍ତା ମଧ୍ୟ ଶୁଣିବାକୁ ମିଳେ ରଜଦୋଳି ଗୀତରୁ ।ରଜଦୋଳି ଗୀତର ଭାବ,ଭାଷା ,ଶୈଳି ଅତି ସୁମଧୁର । ସଦାମାଜିକ ସଚେତନତାର ବାର୍ତ୍ତା ବହନ କରିବା ସଙ୍ଗେସଙ୍ଗେ ସ୍ନେହ,ପ୍ରେମ,ଶ୍ରଦ୍ଧା,ବିରହ,ବିଚ୍ଛେଦ ପ୍ରଭରତି ମାନବ ଜୀବନର ଭାବକୁ ରଜଦୋଳି ଗୀତ ସ୍ପଷ୍ଟ ଭାବରେ ଚିତ୍ରିତ କରିଥାଏ । ଅଜଣା ସାରସ୍ୱତ ସାଧକ ମାନଙ୍କର କାଳଜୟୀ ତଥା ଉତ୍ସାହସ୍ପଦ ରଚନାବଳୀ ଯୁଗେଯୁଗେ ପ୍ରେରଣାର ମାଧ୍ୟମ ରୂପେ କାର୍ଯ୍ୟ କରୁଥିବ ।ରଜଦୋଳି ଗୀତ ସମାଜର ମହାନ ଉଦ୍ଦେଶ୍ୟ ଯଥା ଏକ କର୍ମ ଯୌଗୀ,ସତ୍ୟନିଷ୍ଠ,ସହଯୌଗୀତା,ସମଭାଗିତା,ସାଧୁତା ଓ ସହୃଦୟ ଗୁଣାବଳୀର ବିକାଶରେ ସାହାଯ୍ୟ କରିଥାଏ ।ଯାହା ସଂସ୍କୃତ ଗବେଷକ ମାନେ ମତବ୍ୟକ୍ତ କରନ୍ତି ।

ରଜ ମହୋତ୍ସବରେ ରଜଦୋଳି ଗୀତର ମର୍ଯ୍ୟାଦା ଯଥେଷ୍ଟ ବାରି ହୋଇପଡେ ।ଗାଁ ହେଉ କିମ୍ବା ସହର ଗଛ ମାନଙ୍କରେ

ଦୋଳି ତିଆରି କରାଯାଇଥାଏ । ଯଥା ପଟା ଦୋଳି,ଚକ୍ରିଦୋଳି,ଡଙ୍ଗା ଦୋଳି ଇତ୍ୟାଦି । ଝିଅବୋହୂମାନ ଆକର୍ଷଣୀୟ ଭାବରେ ନିଜକୁ ସଜାଇ ପାରମ୍ପରିକ ଢଙ୍ଗରେ ରଜଦୋଳି ଗୀତ ଗାଇଥାଆନ୍ତି ।ଦୁଇ ବା ତିନିଦଳ ହୋଇ ରଜଦୋଳି ଗୀତର ପ୍ରତିଯୋଗୀତା କରାଯାଏ । ଝିଅମାନେ ଗାଆନ୍ତି–

ବନସ୍ତେ ଡାକିଲା ଗଜ
ବରଷକେ ଥାରେ ଆସିଛି ରଜ
ଆସିଛି ରଜଲୋ ଘେନି ନୂଆ ସଜବାଜ ।

ଏହାପରେ ଅନ୍ୟଦଳ ସୁଲଳିତ କଣ୍ଠରେ ଗାଆନ୍ତି–

କୂଅରେ ପଡିଲା ବେତ
ମା ମଙ୍ଗଳାଙ୍କୁ ଲୋ ଦଣ୍ଡବତ
ଲୋ ଦଣ୍ଡବତ ଅରମ୍ଭ ହୋଇଲା ଗୀତ ।

ପୂର୍ବ ଦଳର ଝିଅମାନେ ଆହ୍ୱାନ ସ୍ୱୀକାର କରି ନିଜସ୍ୱ ଶୈଳୀରେ ଗାଇଉଠନ୍ତି–

ହାତୀ ହଲାଇଲା କାନ
ଜଗନ୍ନାଥଙ୍କର ଜନମ ଦିନ
ଜନମ ଦିନଲୋ ଖଟତଳେ ଗୁଆପାନ ।

ରଜଦୋଳି ଗୀତରେ ଜଗନ୍ନାଥ ସଂସ୍କୃତି ମଧ୍ୟ ସ୍ଥାନ ପାଇଅଛି । ଏହି ଗୀତରେ ଝିଅମାନେ ନିଜର ବଡିମା ଦେଖାଇବାକୁ ଯଅଇ ଗାଆନ୍ତି–

ଦୋଳି କଲା କେଁ କଟ
ମୋ ଭାଇ ମୁଣ୍ଡରେ ସୁନା ମୁକୁଟ
ସୁନା ମୁକୁଟ ଲୋ ଦିଶୁଥାଇ ଝଟଝଟ ।

ଅପର ପକ୍ଷର କୁମାରୀ ମାନେ ଏକଥାକୁ ଏତେ ସହଜରେ କିପରି ଗ୍ରହଣ କରି ପାରିଥାନ୍ତେ । ତେଣୁ ଗୀତ ମାଧ୍ୟମରେ ସେମାନେ ଏହାର ଜବାବ ଦେଇଥାଆନ୍ତି –

ଟାଟିଆରେ ମୁଗ ଜାଇ
ତତେ ରସିଥିଲା ମୋ ବଡଭାଇ
ମୋ ବଡଭାଇଲୋ ବାସି ଚମ୍ପା‘ୁଲ ଦେଇ ।

ଏଥିରେ ପରିହାସ ଏବଂ ଆନନ୍ଦ ଲୁଚିକରି ଥାଏ । ତେଣୁ ଦୋଳି ଗୀତରେ ଉଲ୍ଲେଖ ଅଛି–

ପଟାକୁ ପଟା ଲାଗିଛି
କେଉଁ ପଟାତଳେ ମୋ ନାନୀ ଲୁଚିଛି
ନାନୀ ଲୁଚିଛି ଲୋ ଭିଣୋଇ ଖୋଜି ବୁଲୁଛି ।

ଯୁବତୀମାନେ ଦୋଳି ଖେଳିବାକୁ ଅନ୍ୟ ଗ୍ରାମକୁ ଯିବାବେଳେ ଗ୍ରାମ ଦେବତୀଙ୍କୁ ସ୍ମରଣ କରିଥାନ୍ତି । ଯାହା ଗୀତରେ ଉଲ୍ଲେଖ ଅଛି–

ଗ୍ରାମରୁ ବାହାର ହେଲି
ଗ୍ରାମ ଦେବତୀଙ୍କୁ ଜୁହାର କଲି
ଜୁହାର କଲିଲୋ ତା ପାଦେ ଶରଣ ଗଲି ।

ଅତ୍ମୀୟତା ଓ ଭଲପାଇବାର ମନ୍ତ୍ରକୁ ରଜଦୋଳି ଗୀତ ଉଚ୍ଚାରିତ କରିଥାଏ–

ପାଚିଲା ଆମ୍ବ ପଣସ
ଆସ ନାନୀମାନେ ଦୋଳିରେ ବସ
ଦୋଳିରେ ବସଲୋ ନକରି ମନ ବିରସ ।

ଏହି ଗୀତ ପଲ୍ଲି ପ୍ରକୃତିର କଥା କହିଥାଏ –

ହନୁ ଗଲା ଡାଳେଡାଳେ
ବରଷକେ ରଜ ଆସିଛି ଥରେ
ଆସିଛି ଥରେଲୋ ଦୋଳି ଝୁଲିବା ସାଙ୍ଗରେ ।

ଏହି ଦୋଳିଗୀତରେ ଥାଏ ଦାର୍ଶନିକ ଚିନ୍ତାଧାରା । ରୂପ ଅପେକ୍ଷା ଗୁଣର ମହତ୍ୱ ଅଧରକ ଏହା ପ୍ରମାଣିତ କରେ

ରଜଦୋଳି ଗୀତ–‘ଟିଛି ନାଲି ପଳାଶ
ବାସ ନାହିଁ ତୋର ରୂପ ସରସ
ରୂପ ସରସଲୋ ଖଣ୍ଡେ ଦୂରେ ଥାଇ ହସ ।

ଉଚ୍ଚତର ସାମାଜିକ ମୂଲ୍ୟବୋଧକୁ ସମ୍ମାନ ଦିଏ ଏହି ଗୀତ–

ନଈପାଣି ହଲଚଲ
କଥାରେ ତମର ନାହିଁତ ମୂଳ
ନାହିଁତ ମୂଳଲୋ ତମେତ ଶିମିଳି ‘ୁଲ ।

ଏହି ଗୀତରେ ଆତ୍ମୀୟତା ,ଭାଲପାଇବା ଏବଂ ସରଳ ହୃଦୟର ପରିପ୍ରକାଶ ହୋଇଥାଏ । ଯାହା ଗୀତରେ ଉଲ୍ଲେଖ ଅଛି–

ଆମ୍ବଗଛ ଆବୁ ଆବୁ
ମରି ହଜିଗଲେ ପାଉଁଶ ହବୁ
ପାଉଁଶ ହବୁଲୋ ଏ ଭାବ କାହିଁ ପାଇବୁ ।

ହସଖୁସିରେ ଜୀବନ ବିତାଇବାକୁ ରଜଦୋଳି ଗୀତ ଦିଏ ପ୍ରେରଣା–

ଲେଉଟିଆ ଶାଗ ଭଜା
ଜୀବନରେ ନାନୀ କରିଥା ମଜା

କରିଥା ମଜାଲୋ ବାନ୍ଧିନେବ ଯମରାଜା ।
ସାମାଜିକ ଓ ପାରିବାରିକ ଜୀବନର ଶୃଙ୍ଖଳ ଏହି ଗିତରେ ସୁନ୍ଦର ଭାବରେ ଚିତ୍ରିତ–
ଚଉରା ମୂଳରେ ଚିତା
ଏବାଟେ ଗଲେକି ମୋହରି ନନା
ମୋହରି ନନାଲୋ ଦିଶିଗଲା ପାଟଛତା ।
ରଜପର୍ବରେ ଘରେଘରେ ପୋଡପିଠା ପ୍ରସ୍ତୁତ କରାଯାଏ । ଏହି ଗୀତରେ ପୋଡପିଠା ଏବଂ ରଜପାନର କଥା ମଧ୍ୟ ସୁନ୍ଦର ଭାବରେ ଉଲ୍ଲେଖ ଅଛି–
ପୋଡପିଠା ବାସିଲାଣି
ପାନ ଭାଙ୍ଗିଦେଲେ ଭାଉଜରାଣୀ
ଭାଉଜରାଣୀଲୋ ରଜଘରେ ଦେଲେ ଆଣି ।

ପୁଣି ଉଲ୍ଲେଖ ଅଛି–
ରଜ ହେଲା ତିନିଦିନ
ଯାଚିକି ଖଣ୍ଡିଏ ନଦେଲ ପାନ
ନଦେଲ ପାନଲୋ ମନହୁଏ ଛନଛନ ।
ରଜପାନକୁ ନେଇ ଉଲ୍ଲେଖ ଅଛି ସ୍ନେହ ବନ୍ଧନର ଗାଥା–
ଭାଙ୍ଗିଦେଲି ରଜପାନ
ପାନରେ ଲାଗିଛି ସେନେହ ଚୂନ
ସେନେହ ଚୂନଲୋ ଖାଇଲେ ଜାଣିବ ମନ ।
ରଜଦୋଳି ଗୀତ ଅନେକ ସାମାଜିକ ବାର୍ତା ଜନମାନସକୁ ଦେଇଥାଏ–
ଆଜିତ ପହିଲି ରଜ
ସଜ କରିଦିଅ ନୂଆ ଭାଉଜ
ନୂଆ ଭାଉଜଲୋ କରିବା ରଜ ମଉଜ ।
ଶାଳୀ ଭିଣୋଇର ସମ୍ପର୍କକୁ ନେଇ ରଜଦୋଳି ଗୀତ କହେ –
ଥାଳିଆରେ ମୁଗ ଜାଇ
କଳା ମୁଚୁମୁଚୁ ଭିଣୋଇ ଭାଇ
ଭିଣୋଇ ଭାଇଲୋ ଆସିଛି ପୁନେଇ ଖାଇ ।
ରଜଦୋଳି ଗୀତ କହେ ଦୈନନ୍ଦିନ ଜୀବନର କଥା–
ଆଇଁଷ ପାଛିଆ ତଳି
ମୋ ନାନୀ କରୁଛି ସରୁ ଚକୁଳି
ସରୁ ଚକୁଳିଲୋ ଭିଣୋଇ ଦେଉଛି ଗିଳି ।

ଏହି ଗୀତ କହେ ସମାଜର ଲୋକକଥା–
ଗୋଲାପ ଫୁଲର କଣ୍ଟା
ଭାରି ଭଲଲାଗେ ଭିଣୋଇ ଥଟ୍ଟା
ଭିଣୋଇ ଥଟ୍ଟାଲୋ ହେଉପଛେ ହଟହଟା ।
ଯଦି କାହାର ବିବାହ ହୋଇଯାଏ ତାହେଲେ ସେମାନେ ଆସନ୍ତା ବର୍ଷରେ ରଜ ମଉଜରେ ଭାଗନେଇ ପାରିବେ –
ଆଗିଲା ସନକୁ ରଜ
କାହାଲାଗି ହେବ ସବାରୀ ସଜ
ସବାରୀ ସଜଲୋ ନଥିବ ଏ ସଜବାଜ ।
ଏହି ଗୀତରେ ଶୁଣିବାକୁ ମିଳେ–
ଏ ତ ଶେଷରଜ ମୋର
ଅର ସନ ହେବ ମୋ ବାହାଘର
ମୋ ବାହାଘରଲୋ ଭାଇ କିଣିଲେଣି ହାର ।
ରଜଦୋଳି ଗୀତ କହେ ପ୍ରେମ ଆଉ ପ୍ରଣୟର କଥା–
ପାଚିଲା ପଣସ ଆମ୍ବ
ପରେଖି ନକଲୁ ଯାହାକି ଭାବ
ଯାହାକି ଭାବ ସେ ଦିନେ ଦଗା ଦବ ।

ଦୋଳି ଛୁଇଁଯାଏ ଡାଳ
ପରଦେଶୀ ପ୍ରେମ ସାଜଇ କାଳ
ସାଜଇ କାଳୋ କାନ୍ଦି କାନ୍ଦି ଯାଏ ବେଳ ।
ଏହି ଗୀତ ଦ୍ୱାରା କୁମାରୀମାନେ ତାଙ୍କ ମନର ଅକୁହା କଥା ଗୁଡିକ କହିଥାନ୍ତି–
ପାଦରେ ଅଳତା ନାଲି
ଯିଏ ଖୋସିଦେଲା ଗଭଅରେ ମଲ୍ଲୀ
ଗଭାରେ ମଲ୍ଲୀଲୋ ତାକୁ ମୁଁ ପାରୁନି ଭୁଲି ।
ଏହି ଗୀତରୁ ସମାଜକୁ କିଛି ଉପାଦେୟ ତଥ୍ୟ ମିଳିଥାଏ–
ଧିରିଧିରି ଝୁଲା ଦୋଳି
ଓଢଣୀ ଯାଉଛି ପବନେ ଉଡି
ପବନେ ଉଡିଲୋ ଗଭାଫୁଲ ଯାଏ ଉଡି ।
ଏହି ଗୀତ କୃଷକ ମାନଙ୍କୁ ନେଇ ଅନେକ କଥା କହେ–
ଭୂମି ହେଲା ରଜବତୀ
ମାଟିକୁ ହାଣିଲେ ଫାଟେ ତା ଛାତି
ଫାଟେତା ଛାତିଲୋ ସେତ ମା ବସୁମତୀ ।
ଏହି ଗୀତ ବେଶ ପରିପାଟୀ କଥା ମଧ୍ୟ କହିଥାଏ–

ରାଶିରୁ ଛାଡିଲା ଚୋପା
ପାଦରେ ନାଇଛୁ ଗୁଆ ଖୋଳପା
ଗୁଆ ଖୋଳପାଲୋ ମୁଣ୍ଡରେ ସିନ୍ଦୂର ଟୋପା ।

ବାଉଁଶ ପତର ସରୁ
ସଜବାଜ ହୋଇ ବାହାରେ ଘରୁ
ବାହାରେ ଘରୁଲୋ କଥାଟି କେବେ ନଧରୁ ।

ଏହି ଗୀତ ଦିଅର ଭାଉଜର ସଂପର୍କକୁ ମଧ୍ୟ ଉପସ୍ଥାପିତ କରେ-

ନଈକି ମାଇଲି ଗିଲ
କତେ ରଙ୍ଗ ଦେଖାଉ ଦିଅର ଟୋକା
ଦିଅର ଟୋକାଲୋ ଭାଙ୍ଗିନାହିଁ ଦୁଧଗାଲ ।

ତାଟିଆରେ ଭଜା ବଡି
ଯାଚିଲା ପିରତି ଯାଉଛୁ ଛାଡି
ଯାଉଛୁ ଛାଡିଲୋ ତୁତ ଅଟୁ ଅଗାଡି ।

ରଜ ମହୋତ୍ସବ ଓ ରଜଦୋଳି ଗୀତ ପରିବେଶକୁ ସରସ ଓ ସୁନ୍ଦର ଗଢିତୋଳେ ।ବର୍ଷାର ଆଗମନକୁ ସ୍ୱାଗତ କରିଥାଏ ।ରଜପର୍ବ ପର୍ବମାନଙ୍କ ମଧ୍ୟରେ ରାଜା । ଏକଥା ରଜଦୋଳି ଗୀତ ମୁକ୍ତକଣ୍ଠରେ ସ୍ୱୀକାର କରିଛି-

ଉଠିଲା ବାଉଁଶ ଗଜା
ପରବ ଭିତରେ ରଜ ତ ରଜା
ରଜ ତ ରଜା ଲୋ ଅସ ମନାଇବା ମଜା ।

ଇତିହାସ ବିଭାଗ,ସନାତନ ହରିଚନ୍ଦନ
ମହାବିଦ୍ୟାଳୟ,ମଦନପୁର,ଖୋର୍ଦ୍ଧା,



# ଗାନ୍ଧିଜୀଙ୍କ ସ୍ୱପ୍ନ ନାରୀକୁ ସମ୍ମାନ

**- ଅଶ୍ୱିନୀ କୁମାର ସେଠୀ**


ଶ୍ରୀମଦ୍ ଭଗବଦ ଗୀତାର ଷୋଡଶ ଅଧ୍ୟାୟରେ ଭଗବାନ ଦୁଇଟି ଅଭିବ୍ୟକ୍ତିର ପରିଚୟ ଦେଇଛନ୍ତି । ଦୈବୀ ପ୍ରକୃତି ଓ ଆସୁରୀ ପ୍ରକୃତି । ଏହା ମଣିଷ ମାନଙ୍କର ସହଜାତ ଗୁଣ ଯେଉଁ ମାନେ ଆସୁରୀ ପ୍ରକୃତିନେଇ ଜନ୍ମଗ୍ରହଣ କରିଛନ୍ତି ସ୍ୱଭାବତଃ ସେମାନଙ୍କ ଠାରେ ଦମ୍ଭ,ଦର୍ପ,ଅଭିମାନ, କ୍ରୋଧ,ନିଷ୍ଠୁରତା ଓ ଅଜ୍ଞାନତାର ସହଚାର ଗୁଣଭାବେ ଅବସ୍ଥାନ କରିଥାଏ । ମଣିଷ ଦମ୍ଭ ଗୁଣରେ ନଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରେ । ଗର୍ବ କରିବା ଦର୍ପର ସ୍ୱରୂପ ଅଟେ । ସର୍ବତ୍ର ସମ୍ମାନିତ ହେବା ବା ସମ୍ମାନ ପାଇବା ଇଛାକୁ ଅଭିମାନ କୁହାଯାଏ । ମନର ଉତ୍ତେଜନାକୁ କ୍ରୋଧର ସ୍ୱରୂପ ଭାବେ ବିଚାରକୁ ନିଆଯାଇଛି । ନିଷ୍ଠୁରତାର ଅନ୍ୟନାମ ପାରୁଷ୍ୟ ଅବିବେକ ପଣିଆକୁ ଅଜ୍ଞାନତା କୁହାଯାଏ । ଏଗୁଡ଼ିକ ସହଜାତ ଗୁଣ ହୋଇଥିଲେବି, ପାରିପାର୍ଶ୍ୱିକ ଅବସ୍ଥାରେ, ଏହା ପ୍ରଶମିତ ହୋଇ ରହିନ୍ତି ଅଥବା ପ୍ରକୋପିତ ହୋଇଥାନ୍ତି । ଏଣୁ ପାରିପାର୍ଶ୍ୱିକ ଅବସ୍ଥା କୁ ସଦ୍‌ଗୁଣର ଅନୁକୁଳ କରିପାରିଲେ ଅସଦ୍‌ଗୁଣ ବା ଆସୁରୀୟ ଗୁଣଚୟ ପ୍ରକୁପିତ ବା ବଳବାନ ହେବେ ନାହିଁ । ଗୁଟୁକା,ମଦ ,ସିଗାରେଟ ଯେଉଁ ନିଶାଦ୍ରବ୍ୟ ସେବନ କଲେ ସ୍ୱାସ୍ଥ୍ୟପ୍ରତି ହାନିକାରକ ତେଣୁ ସେଗୁଡିକ ପ୍ରତି ନିଷେଧାଜ୍ଞା ଜାରି କରାଗଲା କିନ୍ତୁ ଲୋକେ ଉପଲବ୍ଧି କଲେ ମଧ ତାହା ସେବନ କରୁଛନ୍ତି । ଏହିପରି ସବୁକଥା ଆଇନ ଆଇନ ବାଟରେ ଅପରାଧୀ ଅପରାଧ୍ ବାଟରେ । ଏପରି ଏକ ପରିସ୍ଥିତିକୁ କିପରି ମୁକାବିଲା କରାଯିବ ? ଏହା ଚିନ୍ତାଶୀଳ ବ୍ୟକ୍ତିମାନେ ବିଚାର କରିବା ଆବଶ୍ୟକ ପଡ଼ିଛି । ଦେଶ ,ଜାତି,ସମ୍ପ୍ରଦାୟ ଭିତ୍ତିରେ ସମୂହ କଲ୍ୟାଣ ସକାଶେ ନୀତି, ନିୟମ ଓ ସାମାଜିକ ଶୃଙ୍ଖଳା ପାଇଁ ଆଇନ ପ୍ରଣୟନ କରାଯାଇଛି । ଆମ ଗଣତନ୍ତ୍ର ଅନୁଶାସନରେ ଜାତି,ଧର୍ମରେ ଆଞ୍ଚ ନଆଣି ଶାନ୍ତିପୂର୍ଣ୍ଣ ସହାବସ୍ଥାନ କୁ ଆଧାର କରି ପ୍ରଶାସନରେ ନେତୃତ୍ୱ ଯେଉଁ ମାନଙ୍କ ଉପରେ ନ୍ୟସ୍ତ ରହିବ ସେମାନେ ଆଇନର ରକ୍ଷକ ଭାବେ ଦୋଷୀ କୁ ଦଣ୍ଡ ଓ ନିର୍ଦ୍ଦୋଷୀକୁ ନ୍ୟାୟ ଦେବା ପାଇଁ ବିଧିବଦ୍ଧ ବିଚାର କରି ସାମାଜିକ ଶୃଙ୍ଖଳାର ରକ୍ଷା କରିଥାନ୍ତି । କିନ୍ତୁ ବାସ୍ତବ କ୍ଷେତ୍ରରେ ଆଶାନୁରୂପ ସୁଫଳ ସାଧାରଣରେ ମିଳୁନାହିଁ । ଏହାର ବହୁବିଦ୍ଧ କାରଣ ରହିଛି । ଏହାର ନିରାକରଣ ପାଇଁ ସବୁସ୍ତରରେ କିଛି ନା କିଛି କାର୍ଯ୍ୟ ହେଉଛି । ତଥାପି ଅପରାଧ କମୁନାହିଁ । ଦଣ୍ଡବିଧି ପ୍ରୟୋଗ ପରେ ବି ଅପରାଧୀ ବଢ଼ିବାରେ ଲାଗିଛନ୍ତି । ଏଇ ଧରନ୍ତୁ ବଳତ୍କାର କଥା । ଏହା ଅତ୍ୟନ୍ତ ହୃଦୟ ବିଦାରକ କଥା ଏହାର ଘଟଣା ମାନ କାହାକୁ ଅବଗତ ନୁହେଁ । ଯେଉଁ ନାରୀ ବା ଶିଶୁ କନ୍ୟାଟି ପାଇଁ ପରିବାର ଗର୍ବିତ ଯାହାପାଇଁ ମାନବ ମାଜର ସୃଷ୍ଟି ଓ ସ୍ଥିତି ବଜାୟ ରହିଛି ଯୁଗ ଯୁଗ ଧରି କିନ୍ତୁ ଆଜି ସେ ଅସହାୟୀ ଓ ଭୋଗ୍ୟ ବସ୍ତୁ ରୂପେ ଜଡ ପାଲଟି ଯାଇଛି । ଶାସ୍ତ୍ରରେ ଅଛି କନ୍ୟା ଶିଶୁର ଯୌବନାବସ୍ଥା ପରେ ବୈବାହିକ ସୂତ୍ରରେ ନିବନ୍ଧିତ ହେବା ପର୍ଯ୍ୟନ୍ତ ଜନ୍ମକର୍ତ୍ତା ପିତାଏହାର ରକ୍ଷକ ଭାବେ କାର୍ଯ୍ୟକରେ । ବିବାହ ପରେ ସ୍ୱାମୀ, ବୃଦ୍ଧାବସ୍ଥାରେ ପୁତ୍ର ଓ ପ୍ରଶାସନ , ନ୍ୟାୟାଧିଶ ରକ୍ଷାକର୍ତ୍ତା ଅଟନ୍ତି । କିନ୍ତୁ ବର୍ତ୍ତମାନ ଏହି ରକ୍ଷାକବଚ ଧାରଣ କରିଥିବା ନାରୀଟିଏ ଜନ୍ମଜାତ ପୂର୍ବରୁ ମୃତ୍ୟୁ ପର୍ଯ୍ୟନ୍ତ ଅସହାୟ ଓ ନିର୍ଯ୍ୟାତିତ ହେବାରେ ଲାଗିଛି ।

କେବଳ ନାରୀଟିର କଥା ନୁହେଁ, ସମ୍ପ୍ରତି ସାମାଜିକ ପରିବେଶ ଖୁବ୍ ଅଶାନ୍ତ, ବପର୍ଯ୍ୟସ୍ତ ମାନବିକତା ଶୃଙ୍ଖଳା ବିହୀନ ଜୀବନ, ବିଚାରହୀନ ଅନୁକରଣ, ସ୍ୱାର୍ଥାନ୍ଧତାର ଚରମ ପରିପ୍ରକାଶ ଯାହା ଫଳରେ କି ହିଂସା,ଦ୍ୱେଷ, କ୍ରୁରତା ଓ ଅସଂଯମତାରୁ ସମାଜର ପ୍ରଗତି ନମ୍ନ ଗାମୀ ହେଉଅଛି । ପରିବାରରେ ଶାନ୍ତି ନାହିଁ, ସମାଜରେ ସୁସ୍ଥତାର ବାତାବରଣ ନାହିଁ । ମଣିଷ ବସ୍ତୁବାଦୀ ଉନ୍ନତିତ ଯେତେ ପାହାଚ ଅତିକ୍ରମ କଲେବି, ଯଦି ମାନବ ବୋଧର ଦ୍ରୁତ ଅବନତି ଘଟେ ତେବେ ସାମାଜିକ ସ୍ଥିତି ବିପଦ ଅବଶ୍ୟମ୍ଭାବୀ । ବର୍ତ୍ତମାନ ପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ଲୋକମାନେ ପାଶ୍ଚ୍ୟାତ ସଭ୍ୟତା କୁ ଅନୁକରଣ କରି ଆଧୁନିକତାର ସ୍ପର୍ଶରେ ବଦଳିଯାଇଛନ୍ତି । ସାଂସ୍କୃତିକ ଜୀବନର ଗତିପଥ ଭିନ୍ନ ମୋଡ ନେଇଛି । ଏପରିକି ଲୋକ ଦେଖାଣିଆ ଆଧ୍ୟାତ୍ମିକ ଭାବର କ୍ରିୟାକର୍ମ ଖୁବ୍ ବଢ଼ିଯାଇଛି । ପର୍ବପର୍ବାଣି ମାନଙ୍କରେ ବହୁ ଅର୍ଥ ବିନିଯୋଗ କରାଯାଇ ସୌନ୍ଦର୍ଯ୍ୟକୁ ବହୁଗୁଣରେ ବଢ଼ାଇ ନଗ୍ନନୃତ୍ୟ,ନିଶାସକ୍ତ ଆସର

ଏପରି ଜମୁଛି ଯେ ଲୋକ ମାନଙ୍କର ଶାଳୀନତା ହଜିଯାଇ ଆଧ୍ୟାତ୍ମିକ ଜାଗରଣର ସୃଷ୍ଟି ଓ ସ୍ଥିତାବସ୍ଥା କମିଯାଇଛି । ଏଣୁ ବିଚାର ଶୂନ୍ୟ ହୋଇ ପରିଣାମକୁ ଚିନ୍ତାନ କରି ଆଚରଣ କଲେ ତାହାର ପରିଣାମ ଜୀବନଯାପନର ସମସ୍ତ ଶୈଳୀ ଓ ସମାଜ ପ୍ରତି ବିପଦର କାରଣ ହେଉଛି । ତଥାପି କିଛି ସମାଧାନର ସୂତ୍ର ସମସ୍ତ ସାମାଜିକତା ଉଚ୍ଛୃଙ୍ଖଳତାକୁ ଉପଲବ୍‌ଧି କରି ଆର୍ଯ୍ୟ ସଂସ୍କୃତିର ବିଚାରଧାରା ପର୍ଯ୍ୟବେସିତ । ଏହାର କୌଣସି ଚଳଣୀ ସୂତ୍ର ଅଯୌକ୍ତିକ ଓ ଅବୈଜ୍ଞାନିକ ନୁହେଁ । ମଣିଷ କୌଣସି ଚଳଣୀକୁ ଆପଡେ଼ାଇ ନେବା ଏତେ ସହଜ ନୁହେଁ । ଭଗବାନ ମଣିଷ କୁ ବୁଦ୍ଧି, ଜ୍ଞାନ , ବିବେକ ପ୍ରଭୃତି ମହାନ୍ ଗୁଣ ଗୁଡିକ ଦେଇଛନ୍ତି । ପ୍ରତ୍ୟେକ ବିଷୟର ପ୍ରୟୋଗରେ ଏ ସବୁର ଭଲମନ୍ଦ ବିଚାର କରାଯାଇପାରିବ । ଅନେକ ଚଳଣୀ ପରମ୍ପରା କ୍ରମେ ପ୍ରଚଳିତ ହୋଇ ଆସୁଛି ।ଏଥିପାଇଁ ପରୀକ୍ଷାର ଆବଶ୍ୟକତା ନାହିଁ ତଥାପି ଚତୁର ମଣିଷ ବୈଜ୍ଞାନିକ ସମ୍ମତ ବିଚାର ଧାରାରେ ଯାହା ନିଜ ପାଇଁ ସୁଖସାଧନ କରିବ, ସିଦ୍ଧାନ୍ତରେ ନ ପହଞ୍ଚିଲା ପର୍ଯ୍ୟନ୍ତ ତାହା ସହଜରେ ଗ୍ରହଣ କରିପାରେନା । ଏହା ସଂପୂର୍ଣ୍ଣ ଠିକ୍ ମାତ୍ର କୌଣସି ଚଳଣୀକୁ ପର୍ଯ୍ୟାଲୋଚନା ନକରି ହାତ ଛଡା କରିବା ଆଦୌମାନବ ସମାଜ ପ୍ରତି ଶୁଭଙ୍କର ନୁହେଁ । ଆର୍ଯ୍ୟ ସଂସ୍କୃତିରେ ଆଧ୍ୟାତ୍ମିକ ବିଚାରାଧାରାକୁ ପ୍ରାଧାନ୍ୟ ଦିଆଯାଇଛି । ଏଥିପାଇଁ ତର୍ଜମାର ଆବଶ୍ୟକ ନାହିଁ । ତଥାପି ସମୟୋପଯୋଗୀ ବିଚାର ଧାରାରେ ଏ ସବୁର ସମୀକ୍ଷା ହେବାର ଆବଶ୍ୟକ ଯାହା ଜନସମାଜ ପ୍ରତି ହିତକାର ସେହି ଚଳଣୀକୁ ମାନ୍ୟତା ଦିଆଯାଉ । ଫଳତଃ ଯୁଗ ଯୁଗ ରଚଳଣୀର ସ୍ଥିତାବସ୍ଥା ବଜାୟ ରହିବ । ମଣିଷ ବିବେକବାନ ହୋଇ ସମାଜରେ ପ୍ରଚଳିତ ହୋଉଥିବାକୁ ସଂସ୍କାର ପ୍ରତି ସ୍ୱର ଉତ୍ତୋଳନ କରିପାରିବ । ଆଇନ ଆଇନ ଭିତରେ ସୀମାବଦ୍ଧନ ରହି କାର୍ଯ୍ୟକାରୀ ହେଲେ ଲୋକଙ୍କର ଚରିତ୍ରରେ ପରିବର୍ତ୍ତନ ଆଣିବ, ସମାଜିକ ଉଚ୍ଛୃଙ୍ଖଳା ବୃଦ୍ଧି ନପାଇ ସମାଜରେ ଶାନ୍ତି ସ୍ଥାପନ ହୋଇପାରିବ । ପରିବାରରେ ଶାନ୍ତି ଫେରାଇ ଆଣିବ । ମଣିଷ ସୁସ୍ଥ ଜୀବନ ଯାପନ କରିପାରିବ ।

ଜୟ ଜଗନ୍ନାଥ

ଚାଉଳିଆଞ୍ଜୀ, କଟକ-୪

# ପରିଚୟ

-ବିକେଶ ସାହୁ

କଳା ଝିମ ଝିମ ସେଇ ଅମାବାସ୍ୟା ରାତିଟା ସତରେ କେତେ ଭୟାନକ ଲାଗୁଥିଲା । ଚାରିଆଡ଼େ ସୁନସାନ କେହି କୋଉଠି ଦେଖାଯାଉ ନ ଥାନ୍ତି । ଏପଟେ ବନ୍ୟ ଜୀବଜନ୍ତୁ ମାନଙ୍କର ଛାତି ଥରା ଆବାଜ ସହ ତାଳ ମିଳାଉ ଥାଏ ଝିଙ୍କାରୀର ଝଙ୍କାର । କେତେବେଳେ ଘାସ ବୁଦା ଭିତର ସରସାର କରି ଉଠୁଥାଏ ତ ଆଉ କେତେବେଳେ ପବନରେ ଦୋହଲୁ ଥିବା ଗଛର ପତ୍ର ଆଉ ଗୋଟିଏ ପତ୍ର ସହ ଘଷି ହୋଇ ଭୟର ତାଣ୍ଡବ ସୃଷ୍ଟି କରୁଥାଏ । ଏ ପଟେ ସୁଲୁସୁଲିଆ ପବନରେ ଦେହଟା ଶୀତେଇ ଉଠୁଥାଏ । ଆଉ ଠିକ ଏତିକି ବେଳେ ଅନତି ଦୂରରେ ହଠାତ ନିଆ ଜଳିବାରେ ଲାଗିଲା । ହୁଦୁହୁଦୁ ନିଆଁର ଶବ୍ଦରେ ସାରା ଜଙ୍ଗଲଟା ପ୍ରକମ୍ପିତ ହୋଇ ଉଠୁଥାଏ । ହଠାତ ସେଇ ନିଆଁ ଭିତରୁ ଗୋଟେ ମୁଣ୍ଡ ନ ଥିବା ମଣିଷ ଶରୀରଧାରୀ ଜୀବ ବାହାରି ଜୋରରେ ସାମନ୍ତ ବାବୁଙ୍କ ଆଡକୁ ମାଡ଼ି ଆସୁଛି । ତା' ହାତରେ ଦୁଇହାତ ଲମ୍ବର ଗୋଟିଏ ତଲବାର । ଶ୍ରୀମନ୍ତ ବାବୁ ନିର୍ଜୀବଟେ ପରି ଠିଆ ହୋଇଥାନ୍ତି । ହଠାତ୍ ସେଇ ଭିନ୍ନ ମୁଣ୍ଡ ନଥିବା ମଣିଷ ଶ୍ରୀମନ୍ତ ବାବୁଙ୍କ ପାଖକୁ ଆସି ତାଙ୍କ ଗଣ୍ଡିରୁ ମୁଣ୍ଡଟାକୁ ଅଲଗା କରିଦେଇଛି.......

ସାମନ୍ତ ବାବୁ ଚମକିପଡି ସାଙ୍ଗେ ସାଙ୍ଗେ ଉଠିପଡିଛନ୍ତି । ତାଙ୍କ ନିଦ ଭାଙ୍ଗିଯାଇଛି । ମୁଣ୍ଡଟାକୁ ଭଲରେ ହାତରେ ଅଣ୍ଡାଳିଛନ୍ତି ପୁଣି ଭୟରେ ଦେହ ହାତ ଥରୁଥାଏ । ଲାଇଟ୍‌ଟା ଅନ୍ କରି ଟେବୁଲ ଉପରେ ଥୁଆ ହୋଇ ଥିବା ଗ୍ଲାସେ ପାଣିକୁ ଏକା ନିଶ୍ୱାସରେ ପିଇଯାଇ କିଛି ସମୟ ଆରାମ ଚେୟାରରେ ବସି ଯାଇଛନ୍ତି । ଏପଟେ ତାଙ୍କ ଘରଣୀ ସାରଦା ଦେବୀ ନିଘୋଡ଼ ନିଦରେ ଶୋଇଯାଇଛନ୍ତି । କିଛି ସମୟ ଗଲାପରେ କାନ୍ଥ ଘଣ୍ଟାଟା ରାତ୍ରି ୧୨ ଟା ହେବାର ସୂଚନା ଦେଇ ବାଜିଉଠିଲା । କିନ୍ତୁ ସାମନ୍ତ ବାବୁଙ୍କୁ ଆଉ ନିଦ ହେଉନଥାଏ ବାବାରେ କେଡେ ଭୟାନକ ସ୍ୱପ୍ନ । ଭାବିଦେଲେ ଦେହ ଶୀତେଇ ଉଠୁଥାଏ । ଏମିତି କିଛିସମୟ ଗଲାପରେ ସେଇ ମଧରାତ୍ରିର ନୀରବତାକୁ ଭଙ୍ଗ କରି ଗୁଣୁଗୁଣୁ ହୋଇ ଭାଷି ଆସୁଥାଏ ଅସ୍ପଷ୍ଟ ସ୍ୱର । ସାମନ୍ତ ବାବୁ ଟିକିଏ ଉତଣ୍ଠିତ ହୋଇ ଶବ୍ଦ ଭାଷି ଆସୁଥିବା ସ୍ଥାନ ଆଡକୁ ଆଗେଇ ଚାଲିଥାନ୍ତି । ଶେଷକୁ ଯାଇ ଦେଖିଲେ ସେଇ ଶବ୍ଦ ପ୍ରଶାନ୍ତର ଶୋଇବା ଘରରୁ ଆସୁଛି । ସାମନ୍ତ ବାବୁ ଟିକିଏ ବିସ୍ମିତ ହୋଇ ପାଖକୁ ଯାଇ ଝରକା ବାଟେ ଦେଖନ୍ତିତ ପ୍ରଶାନ୍ତ ଏ ପର୍ଯ୍ୟନ୍ତ ଶୋଇନାହିଁ । ପୁଣି ଫୋନଟାକୁ କାନରେ ଦେଇ କାହାସହ ଗପୁଛି । ଏଇ ସବୁ ଦେଖିଲା ପରେ ସାମନ୍ତ ବାବୁ କିଛି ସମୟ ନିରବ ହୋଇ ସେଇଠୁ ପୁଣି ନିଜ ଶୟନ କକ୍ଷକୁ ଚାଲିଗଲେ । ଏଇ ସବୁ ଘଟଣା ତାଙ୍କ ମନରେ ଗଭୀର ପ୍ରଭାବ ଆଣି ଦେଇଥାଏ । ପ୍ରଶାନ୍ତକୁ ନେଇ ମନରେ ଅନେକ ଗୁଡିଏ ସନ୍ଦେହ ତାଙ୍କୁ ବ୍ୟତିବ୍ୟସ୍ତ କରିପକାଉଥାଏ । ତାଙ୍କ ମନରେ ଦୃଶ୍ୟଟା ହଜମ ହେଉ ନଥାଏ । ଏତିକି ରାତ୍ରି ଯାଏ କାହାସହ ଗପୁଛି ତା ପୁଣି ଏତେ ଅସ୍ପଷ୍ଟ ଓ ଧୀର ସ୍ୱରରେ । ଏଇତି ଅନେକ ପ୍ରଶ୍ନ ତାଙ୍କ ମନରେ ଜନ୍ମ ନେଇସାରିଥାଏ । ଆଗରୁ ବି ସେ ଅଫିସ ଯିବା ବେଳେ ସେଇ ମସଜିଦର ତଳସାହିକୁ କେହି ଜଣେ ସାଙ୍ଗକୁ ଭେଟିବାକୁ ଯାଉଥିବା କଥା ସେ ଡ୍ରାଇଭରଙ୍କ ଠାରୁ ଶୁଣିଥିଲେ । ଏଇ ଦୁଇ ମାସର ଗାଁ ରହଣି ଭିତରେ ତାଙ୍କୁ କାହିଁକି କେଜାଣି ପ୍ରଶାନ୍ତର ହାବଭାବ ସବୁ ତାଙ୍କୁ ବଦଳିଲା ପରି ମନେହେଉଥାଏ । ଯେତେ ଯାହା ହେଲେବି ସେ ତାଙ୍କ ଗୋଟିଏ ବୋଲି ପୁଅ । ସବୁବେଳେ ତା'ପାଇଁ ସାମନ୍ତବାବୁଙ୍କ ଚିନ୍ତା । କେତେ ଦାନ ଧର୍ମ ପରେ ସେ ପୁଅଟିଏ ପାଇଛନ୍ତି । ସେ ପୁଣି ଏଇ ବଳିଆର ସିଂହ ପରିବାରର ଉତ୍ତର ଦାୟାଦ । ସେ ଯଦି କିଛି ଓଲଟ ପାଲଟ କରି ଦିଏ ତା ହେଲେ ଏ ଖାନଦାନର ଇଜ୍ଜତ ସବୁ ମାଟିରେ ମିଶିଯିବ । ସେ କଣ ଆଉ ମୁଣ୍ଡ ଟେକି ବାଟ ଚାଲିପାରିବେ । ଆଜକୁ ପଚାଶ ବର୍ଷ ହେଇଗଲା ଏଯାଏ ତାଙ୍କ ଉପରେ କଳଙ୍କର ଛାଇ ବି ପଡ଼ିପାରିନାହିଁ । ଜଣେ ସଚ୍ଚୋଟ ନାମଜାଦା ମଣିଷ ଭାବେ ଏ ସହର କାହିଁକି ଆଖ ପାଖ ପଚାଶ ଖଣ୍ଡ ଗାଁର ଆବାଳବୃଦ୍ଧବନିତା ଜାଣନ୍ତି । ଯେକୌଣସି ସ୍ଥାନରେ ଯେକୌଣସି ଧର୍ମ କାର୍ଯ୍ୟ ପୂଜା,ପାର୍ବଣ,ଯଜ୍ଞ ଯାହାବି ହେଉ ତାଙ୍କୁ ନ ଡାକିଲେ ତାହା ସମ୍ପନ୍ନ ହୁଏନି । ଜଣେ ଏମିତି ବ୍ୟକ୍ତିତ୍ୱ ସେ । ନିଜ ଧର୍ମକୁ ଛାଡି ଦେଲେ ଅନ୍ୟ କୌଣସି ଧର୍ମର

ଲୋକଙ୍କୁ ସେ ପସନ୍ଦ କରନ୍ତି । ଏଂର ଭରିରହିଛି ତାଙ୍କ ମନରେ କେବଳ ଘୃଣା ସେମାନଙ୍କ ପାଖ ମାଡିବା ତ ଦୂରର କଥା ସେ ମାନଙ୍କ ଛାଇ ଟିକିଏ ପଡିଲେ ବି ସେ ଗୋବର ପାଣି ପିଇ ଗଙ୍ଗା ନଦୀଜଳ ମିଶ୍ରିତ ପାଣିଲେ ଗାଧୋଉଥିଲେ । ଯଦି ତାଙ୍କ ପୁଅ ଏମିତି କିଛି ଭୁଲ କରିଦିଏ ତା ହେଲେ କଣ ଏଇ ମାନସମ୍ମାନ ତାଙ୍କ ରହିବ । ଏମିତି ଅନେକ କିଛି ଭାବିଲେ । ଆଉ ଭାବୁ ଭାବୁ କେତେବେଳେ ଯେ ନିଦ ଆସିଗଲା ସେଇ ଆରାମ ଚେୟାର ଉପରେ ସେ ଜାଣିପାରିଲେ ନାହିଁ ।

ସକାଳ ହେଇଛି ଧୀରେ ଧୀରେ ପୃଥିବୀ ପୃଷ୍ଠରୁ ବିଦାୟ ନେଇଛନ୍ତି ନିଦ୍ରା ଦେବୀ । ପୂର୍ବ ଆକାଶରେ ନୂତନ ଚିନ୍ତା ଓ ଚେତନା ନେଇ ନିଜର ଆଧିପତ୍ୟ ବିସ୍ତାର କରିବା ଆରମ୍ଭ କରିଦେଇଥାନ୍ତି ସୂର୍ଯ୍ୟ ଦେବତା । ତା' ସଙ୍ଗରେ ମୁଖରିତ ହେଇ ଉଠୁଥାଏ ପକ୍ଷୀ ମାନଙ୍କର କଳରବ । ସାରଦା ଦେବୀ ଉଠିପଡ଼ି ଦେଖନ୍ତି ସାମନ୍ତବାବୁ ଶେଜ ଉପରେ ନାହାନ୍ତି । ସେ ଟିକିଏ ବିସ୍ମିତ ହୋଇ ଦେଖନ୍ତି ଆରାମ ଚେୟାର ଉପରେ ସେ ଶୋଇପଡିଛନ୍ତି । ତାଙ୍କୁ ମଧ ଉଠେଇ ଦେଇଛନ୍ତି । ସାମନ୍ତବାବୁ ଉଠି ପଡି ଚେୟାର ଉପରେ ନିଜକୁ ଦେଖି ଚମକି ପଡିଛନ୍ତି । ସଙ୍ଗେ ସଙ୍ଗେ ଉଠିପଡ଼ି ନିତ୍ୟକର୍ମ ସାରି ବାହାରି ପଡିଛନ୍ତି ଡେଲି ମାର୍କେଟ ଆଡକୁ । ଏପଟେ ସାରଦା ଦେବୀ ନିତ୍ୟକର୍ମ ସାରି ଚା' କପ ଧରି ପ୍ରଶାନ୍ତ ବେଡ଼ରୁମକୁ ଯାଇ ଦେଖନ୍ତି ସେ ନିଘୋଡ଼ ନିଦରେ ଶୋଇ ଯାଇଛି । ଚା'କପ ଟେବୁଲ ଉପରେ ରଖିଦେଇ । ତାକୁ ଉଠେଇ ଦେଇ ସକାଳ ଜଳଖିଆ ତିଆରିରେ ଲାଗିପଡ଼ଥାନ୍ତି । ଏପଟେ ପ୍ରଶାନ୍ତ ଉଠିପଡ଼ି ନିତ୍ୟକର୍ମ ସାରି ସଂପୂର୍ଣ୍ଣ ପ୍ରସ୍ତୁତ ହେଇ ଖାଇବା ଟେବୁଲରେ ଆସି ପହଞ୍ଚିଯାଇଛି । ସାରଦା ଦେବୀ ତାକୁ ଜଳଖିଆ ବାଢ଼ି ଦେଇ ପଚାରିଲେ- "କୁଆଡେ ଯାଉଛୁ କିରେ ନୂଆ ପୋଷାକ ପିନ୍ଧିଛୁ ଯେ ?" ମା' ଙ୍କ ପ୍ରଶ୍ନ ଶୁଣି ପ୍ରଶାନ୍ତ ଟିକିଏ ନିରବ ରହିଲା ପରେ ସାଙ୍ଗ ମାନଙ୍କ ସହ ବୁଲିବାକୁ କହିଦେଇ । କିଛି ପଇସା ଦେବାପାଇଁ କହିଛି । ସାରଦା ଦେବୀ ଶୋଇବା ଘରୁ କିଛି ଟଙ୍କା ଆଣି ଖାଇବା ଟେବୁଲ ଉପରେ ରଖିଦେଇ ନିଜ କାମରେ ପୁଣି ଲାଗି ପଡିଲେ । ପ୍ରଶାନ୍ତ ଶୀଘ୍ର ଶୀଘ୍ର ଖାଇ ଦେଇ ତରତର ହେଇ ବାହାରି ପଡ଼ିଲା । ଯଦି ବାପା ଦେଖି ଦେବେ ତା'ହେଲେ ଏଇନେ ପ୍ରଶ୍ନର ପାହାଡ଼ ଠିଆ କରିଦେବେ । ଆଉ କ'ଣ ବା ସେ କହିବ ବାପାଙ୍କୁ ଆଜିକୁ ୨୨ ବର୍ଷ ହେଇଗଲାଣି ତଥାପି ବାପାଙ୍କ ପ୍ରତି ଥିବା ଭୟ ଏ ଯାଏ ମନରୁ ଯାଇନି ।

ଏପଟେ ସାମନ୍ତବାବୁ ମାର୍କେଟରୁ ଫେରି ଆସି ଖାଇବା ଟେବୁଲ ଉପରେ ବସି ପଡିଲେ କିଛି ସମୟ ନିରବ ହୋଇ । ପ୍ରଶାନ୍ତର ସାହସ ପାଉନଥାଏ ବାପାଙ୍କୁ କହିବା ପାଇଁ । କିଛି ସମୟ ଗଲା ପରେ ସାମନ୍ତବାବୁ ପ୍ରଶାନ୍ତକୁ କହିଲେ- "ନାଇରେ କୁଆଡେ ବହାରିଛୁ କି ?" ଏତେ ସକାଳୁ ସକାଳୁ..... । ସାମବାବୁଙ୍କ ପ୍ରଶ୍ନ ଶୁଣି ପ୍ରଶାନ୍ତ ଟିକିଏ ଖନେଇ ଯାଇ ସାଙ୍ଗ ମାନଙ୍କ ସହ ବୁଲିବାକୁ ଯାଉଛି କହିଉଠି ପଡିଛି ଖାଇବା ଟେବୁଲରୁ । ଆଜି ପୁଣି କୁଆଡେ ବୁଲିବାକୁ ଯାଉଛୁ ଅଫିସ୍ ଯିବୁନି କି ? ଆଜିପରା ବିଲ ଦେବାର ଥିଲା ତୋର । ସାମନ୍ତବାବୁ ପୁଣି ଥରେ ପଚାରିଲେ ।ଏତିକି ବେଳେ ପ୍ରଶାନ୍ତ ଘରୁ ବାହାରି ସାରିଥାଏ । ଅଟୋଟିଏ କହି ପହଞ୍ଚିଗଲା ସେଇ ରାମ ମନ୍ଦିର ପାଖରେ । ଆଜି ଆନିସା ସହ ତା'ର ବାହାଘର । କେମିତି ବା' ବାପାଙ୍କୁ କହିଥାନ୍ତା ସେ ଗୋଟେ ମୁସଲମାନ ଝିଅକୁ ବିବାହ କରୁଛି । ଯେଉଁଥି ପାଇଁ ତାକୁ ବୁଲିଯିବା ବାହାନା କରିବାକୁ ପଡିଲା । ପୁଣି ବାପା କେବେବି ତାଙ୍କୁ ସ୍ୱୀକାର କରିନଥାନ୍ତେ। ତେଣୁ ବାଧ ହୋଇ ତାକୁ ମନ୍ଦିରରେ ବିବାହ କରିବାର ଆୟୋଜନ କରିବାକୁ ପଡିଲା । ଯାହାକୁ ଦୀର୍ଘ ପାଞ୍ଚ ବର୍ଷଧରି ପ୍ରେମ କରୁଛି କେମିତି ବା ତାକୁ ଆଉ କାହା ହାତରେ ଟେକିଦେବ । ସେଇ ସାହସ ତା'ର ନ ଥିଲା । ମା' ବାପା ଛେଉଣ୍ଡ ଆନିସା ବି ପ୍ରଶାନ୍ତକୁ ନିଜ ଜୀବନ ଭାବି ନେଇଛି । ଏପଟେ ତା' ସାଙ୍ଗ ବସନ୍ତ ବାହାଘର ପାଇଁ ସବୁ ପ୍ରସ୍ତୁତି କରିଦେଇଥିଲା । ଠିକ୍ ସମୟରେ ବାହାଘର ସଂପୂର୍ଣ୍ଣ ହେଲା । ପ୍ରଶାନ୍ତ ଓ ଅନିସା ତାକୁ ବାଧ କଲା । ମା'ବାପାଙ୍କ ଆଶୀର୍ବାଦ ନେବାପାଇଁ । ଜନ୍ମ ଦିନକୁ ମା' ବାପାର ସ୍ନେହ କ'ଣ ଜାଣିନି । ଆଉ ଭାଗବାନ ଆଜି ଯେତେବେଳେ ତା ଡାକ ଶୁଣିଛନ୍ତି କେମିତିବା ହାତ ଛଡା କରିବ ।

ଶେଷରେ ଦୁହେଁ ଘରେ ପହଁଚିଲେ । ଏ ପଟେ ସାମନ୍ତବାବୁ ବଗିଚାରେ ପାଣି ଦେଉଥାନ୍ତି । ପ୍ରଶାନ୍ତକୁ ବର ବେଶରେ ଦେଖି ସେ ଚମକି ପଡିଲେ । ପାଣି ପାଇପଟାକୁ ଛାଡ଼ିଦେଇ ସେ ଦଉଡି ଆସିଲେ ଫାଟକ ପାଖକୁ । ବାପାଙ୍କୁ ଦେଖି ପ୍ରଶାନ୍ତ ଓ ଅନିସା ପାଦ ଛୁଇଁ ପ୍ରଣାମ କଲେ । ସାମନ୍ତବାବୁ କିଛି ବୁଝିପାରୁନ'ଥାନ୍ତି । ଏହାପରେ ପ୍ରଶାନ୍ତ ସବୁ କଥା ଖୋଲିକି ତାଙ୍କ ଆଗରେ କହିଦେଲେ । ଆନିସା ଜଣେ ମୁସଲମାନ ଜାଣିବା ପରେ ସାମନ୍ତବାବୁ ସମ୍ପୂର୍ଣ୍ଣ ଭାବେ ରାଗିଗଲେ । ଆଉ

ଦୁଇ ଜଣଙ୍କୁ ସେଇଠୁ ତଡି ଦେଲେ । ପ୍ରଶାନ୍ତ ବାପାଙ୍କୁ ବହୁତ ବୁଝାଇଲା ହେଲେ ସେ ବୁଝିଲେ ନି । ସେହି କ୍ଷଣି ବାପ ପୁଅର ସମ୍ପର୍କ ସବୁଦିନ ପାଇଁ ତୁଟେଇ ଦେଲେ ସାମନ୍ତବାବୁ । ସଙ୍ଗେ ସଙ୍ଗେ ଫାଟକଟାକୁ ବନ୍ଦ କରିଦେଇ ଘର ଭିତରକୁ ଚାଲି ଆସିଲେ । କ'ଣ ବା ଆଉ କରନ୍ତା ପ୍ରଶାନ୍ତ ;ସେଇଠୁ ସେମାନେ ଚାଲି ଯାଇ ଅନ୍ୟଏକ ସହରରେ ପ୍ରଶାନ୍ତର ଜଣେ ସାଙ୍ଗ ପାଖରେ କିଛି ଦିନ ରହିଲେ । ସେଇଠି ଗୋଟେ ଘର ଭଡାରେ ନେଇ ପ୍ରଶାନ୍ତ ଛୋଟିଆ ଚାକିରୀଟିଏ ଠିକ୍ କଲା । ଭାଗ୍ୟକୁ ଚାକିରୀଟିଏ ବି ମିଳିଗଲା । ସେମିତି ସୁଖରେ ଦୁଃଖରେ ଦୁହେଁ ଆରାମରେ ରହୁଥିଲେ ।

ଗୋଟିଏ ବର୍ଷ ପରେ.........

ପ୍ରଶାନ୍ତ ଓ ଆନିସାର ବିବାହକୁ ଗୋଟିଏ ବର୍ଷ ବିତି ସାରିଥାଏ । ଧୀରେ ଧୀରେ ପ୍ରଶାନ୍ତର ଆର୍ଥିକ ସ୍ଥିତିବି ସ୍ୱଚ୍ଛଳ ହେଇ ସାରିଥାଏ । ଆଉ ଆନିସା କୋଳରେ ଆସି ସାରିଥିଲା ତାଙ୍କର ସମ୍ପର୍କରେ ପ୍ରଥମ ସଂଙ୍କେତ । ଘରଟା କୁଆଁ କୁଆଁ ଶବ୍ଦରେ ପୁରି ଉଠୁଥିଲା । ତା'ରି ମୁହଁକୁ ଦେଖି ସେମାନେ ଆରାମରେ ବଞ୍ଚି ଯାଉଥିଲେ ।

ସେମିତି ଗୋଟେ ଦିନର କଥା ବସନ୍ତର ବାହାଘର ପାଇଁ ପ୍ରଶାନ୍ତ ଓ ଆନିସା ସହ ତାଙ୍କ ନବଜାତ ପୁଅ ମିଶି ବସନ୍ତ ରହୁଥିବା ତାଙ୍କ ସେଇ ସହରକୁ ଫେରି ସେମାନେ ବହୁତ ଖୁସିଥିଲେ । ଏଇ ଗୋଟିଏ ବର୍ଷ ଭିତରେ ସବୁକିଛି ଯେମିତି ବଦଳି ଯାଇଥାଏ । ବସ୍ ଷ୍ଟେସନରୁ ଓହ୍ଲେଇ ଗୋଟେ ଅଟୋରେ ସେମାନେ ହସଖୁସିରେ ଆସୁଥାନ୍ତି । କିନ୍ତୁ ଏତିକି ବେଳେ ଘଟି ଯାଇଛି ରାସ୍ତାରେ ଏକ ଦୂର୍ଘଟଣା । ଯେଉଁଥିରେ ପ୍ରଶାନ୍ତ ସବୁଦିନ ପାଇଁ ଦୁନିଆ ଛାଡି ଚାଲିଯାଇଛି ସେଇ ଦୂର୍ଘଟଣା ସ୍ଥାନରେ କିନ୍ତୁ ଆନିସାର ଶରୀରରେ ଏ ଯାଏ ପ୍ରାଣ ଥିଲା ଆଉ ନିଜ ଜନ୍ମକଲା ଛୁଆକୁ ସେ ବଞ୍ଚେଇ ପାରିଛି । ସଙ୍ଗେ ସଙ୍ଗେ ସେମାନଙ୍କୁ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଗଲା । ଖବର ପାଇ ବସନ୍ତ ପହଞ୍ଚିଚି ଗଲା ଡାକ୍ତରଖାନାରେ ଶେଷରେ ଆନିସା ବି ସେଇ ଶିଶୁ ପୁତ୍ରଟିକୁ ତା' ଦେଇ ଦେବା ପାଇଁ କହି ସବୁ ଦିନ ପାଇଁ ଦୁନିଆ ଛାଡି ଯାଇଛି । ରହିଯାଇଛି ସେଇ ନିରୀହ ନିଷ୍ପାପ ଶିଶୁ ସେବା କି ପାପ କରିଥିଲା । ବସନ୍ତ ମୁଣ୍ଡରେ ଯେମିତି ବଜ୍ରପାତ ହେଲାପରି ଗଡିପଡିଛି ସେଇଠି । ନିଜକୁ ନିଜେ ଧିକ୍କାର କରିଛି ।

ଶେଷରେ ଆଉ କ'ଣ ବା କରନ୍ତା । ପ୍ରଶାନ୍ତର ବାପାକୁ ଫୋନ କରିବାକୁ ସାହସ ହେଉନଥାଏ । ତଥାପି ତାଙ୍କୁ ଫୋନ କରିଆସିବାକୁ କହିଲା କିନ୍ତୁ ସେ ଫୋନ ଉଠେଇଲେ ନି' । କିଛି ସମୟ ଅପେକ୍ଷା କରି ଦୁଇ ଚାରି ଜଣ ବନ୍ଧୁଙ୍କ ସହାୟତାରେ ଦୁହିଁଙ୍କ ଅନ୍ତିମ ସଂସ୍କାର କରିଦେଇଛି । ସେଇଠୁ ଫେରିବା ପରେ ଆନିସା କହିବା ମୁତାବକ ସେଇ ଶିଶୁଟିକୁ ନେଇ ସାମନ୍ତବାବୁଙ୍କ ପାଖକୁ ଯାଇଛି । ତାକୁ ସାହସ ହେଉ ନ'ଥାଏ । କ'ଣ କହିବ,କେମିତି କହିବ କିଛି ବୁଝି ପାରୁନଥାଏ । ଶେଷକୁ ସାହସ କରି ଭିତରକୁ ଯାଇଛି । ଏତିକି ବେଳେ ସାମନ୍ତବାବୁ ଆରାମ ଚେୟାରରେ ବସି ଚିନ୍ତାମଗ୍ନ ଅବସ୍ଥାରେ ଥାଆନ୍ତି । ପୁଅ ଗଲାପରେ ଭାଙ୍ଗି ପଡିଛନ୍ତି ସତ । ହେଲେ ଏ ଯାଏ ତାଙ୍କ ମନରୁ ଧର୍ମ,ଜାତି ଭିତରେ ପାତର ଅନ୍ତର ମନରୁ ଯାଇନଥିଲା । ବସନ୍ତ ଘର ଭିତରକୁ ଯାଇ ସାମନ୍ତବାବୁ ଙ୍କୁ ସବୁ କଥା କହି ଦେଇଛି । କିନ୍ତୁ ଏବେ ବି ସେ ରାଜି ହୋଇ ନାହାନ୍ତି ସେଇ ଶିଶୁଟିକୁ ନିଜର କରିବାକୁ । ସାରଦା ଦେବୀ ଏଇ ସବୁ ଶୁଣି ମର୍ମାହତ ହୋଇପଡିଛନ୍ତି । ସେ ବା ଆଉ କ'ଣ କରିପାରନ୍ତେ ।

ଶେଷରେ ବସନ୍ତ ଆଉ କ'ଣ ବା କରନ୍ତା ସେଇ ଚଟାଣ ଉପରେ ଶିଶୁଟିକୁ ରଖିଦେଇ ଚାଲିଯାଇଛି । ଆଉ ସେଇ ଶିଶୁର କାନ୍ଦରେ ଥରି ଉଠୁଥାଏ ସେଇ ଘରର ସବୁ କାନ୍ଥ । ସତେକି ସେ ପରିଚୟ ମାଗୁଛି ମୋତେ କହି ପାରିବ ମୁଁ କେଉଁ ଧର୍ମର... ? ଦେଇ ପାରିବ କି ମୋତେ ମୋ ପରିଚୟ.. ?ମୁଁ ହିନ୍ଦୁ ନା ମୁସଲମାନ.... ? କୁହ ମୋ ପ୍ରଶ୍ନର ଉତ୍ତର ଦିଅ... ?????

ଭୁଷଲାଡ, ସିନ୍ଧେକେଲା,ବଲାଙ୍ଗୀର

# ମଣି କାଞ୍ଚନ

-ଦେବବ୍ରତ ଜେନା

ରାଧାଶ୍ୟାମ ବାବୁଙ୍କ ଆଖିରେ ଆଜି ଲୁହ । ଦୀର୍ଘ ସପ୍ତାହେ ହେବ ବିଛଣାଶଯ୍ୟା ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ଅଚଳ ଅବସ୍ଥାର ସମ୍ପତ୍ତିର ଏକଛତ୍ର ଅଧୀଶ୍ୱର ସେ । ଆଜି ତାଙ୍କ ପାଖରେ ସବୁକିଛି ଥାଇ ମଧ୍ୟ ସେ ନିଃସ୍ୱ । ନିଜ କଲାକର୍ମ ପାଇଁ ସେ ନିଜେ ପଶ୍ଚାତାପ କରୁଛନ୍ତି ବୟସର ସାୟାହ୍ନରେ ନିବୁଜ କୋଠରୀ ମଧ୍ୟରେ । ପାଖରେ ବସିଛନ୍ତି ତାଙ୍କ ପ୍ରାଣପ୍ରିୟ ପତ୍ନୀ ପ୍ରମିଳା ଦେବୀ । ସେ ବି ଭାଙ୍ଗି ପଡିଛନ୍ତି ପତିଦେବଙ୍କ ଶରୀରର ଏତାଦୃଶ ଅବସ୍ଥା ଦେଖି । ଅସହାୟ ଅବସ୍ଥାରେ କୁଟାଖିଅକୁ ସାହାରା ଭାବନ୍ତି ପ୍ରତ୍ୟେକ ଲୋକ । ମାତ୍ର ଆଜି ସେ ଦୁହିଁଙ୍କ ପାଇଁ ଏକମାତ୍ର ଜଷ୍ଟି ସାଜିଛି ତାଙ୍କ ଝିଅ "ସାବି", ଯିଏ ଆଜି ଆଉ କାହା ଘରର କୁଳବଧୂ । ଯେଉଁ ଝିଅକୁ ରାଧ୍ୟାଶ୍ୟାମ ବାବୁ ହତାଦର କରୁଥିଲେ, ତାକୁ ଆଡ ଆଖିରେ ଦେଖୁଥିଲେ, ପୁଅକୁ କୋଟିନିଧି କରି ଝିଅକୁ ଅଣଦେଖା କରିଥିଲେ, ସେହି ସାବି ଆଜିକୁ ସାତ ଦିନ ହେବ ଅଖିଆଅପିଆ ତାଙ୍କ ସେବା ନିଘାରେ ବ୍ୟସ୍ତ ହୋଇପଡୁଛି । ପୁରୁଣା ଦିନ ସବୁ ମନେ ପକେଇ ରାଧାଶ୍ୟାମ ବାବୁ ନିଜ ପିତୃତ୍ୱକୁ ଧିକ୍କାର କରୁଛନ୍ତି ।ତାଙ୍କ ସଂସାର କହିଲେ ସେ ତାଙ୍କ ଦୁଇ ପୁଅ, ଜଣେ ଝିଅ ଓ ତାଙ୍କ ଧର୍ମପତ୍ନୀ ପ୍ରମିଳା ଦେବୀ । ବଡ଼ ପୁଅ ରମେଶ ଏବେ ଆମେରିକାରେ ଡାକ୍ତର । ବଡ଼ ବୋହୁ ଗୋଟିଏ ମଲ୍ଟିନେସନାଲ କମ୍ପାନୀରେ କାର୍ଯ୍ୟରତ । ପ୍ରାୟ ଦଶ ବର୍ଷ ହେବ ଆମେରିକାରେ ଅଧିଷ୍ଠିତ ହେଲେଣି ସେମାନେ ।ସେମାନଙ୍କର ଗୋଟିଏ ବୋଲି ପୁଅ ବବଲୁ । ସାନ ପୁଅ ରାଜେଶ (ରାଜୁ)ଦିଲ୍ଲୀରେ ବ୍ୟାଙ୍କର ମ୍ୟାନେଜର । ସାନ ପୁଅର ବାହାଘର ପରେ ପରେ ସାନ ବୋହୁ ଶାଶୁ ଶ୍ୱଶୁରଙ୍କ ପାଖରେ ଛ'ମାସ ପାଇଁ ଥିଲା , ମାତ୍ର ବଡ଼ ଘରର ଝିଅ ବୋଲି ଶାଶୁଶ୍ୱଶୁରଙ୍କ ସହ ଚଳି ପାରିଲାନି । ସାନବୋହୂର ଏକା ଜିଦ ଗାଁରେ ଶାଶୁଶ୍ୱଶୁରଙ୍କ ସହ ରହି ପାରିବନି । ପୁରୁଣା ମରହଟିଆ ଲୋକଙ୍କ କଥାବାର୍ତ୍ତା ଓ ଚାଲିଚଳନ ତାକୁ ଖାପ ଖୁଆଏନି ।

ଆଜି ବୟସର ପରିପକ୍ୱ ଅବସ୍ଥାରେ ସେ ଭାବୁଛନ୍ତି: ଯେଉଁ ଦୁଇ ପୁଅକୁ ସେ କୋଟି ନିଧି କରୁଥିଲେ ସେହି ପୁଅ ଦୁଇଜଣଙ୍କ ପାଇଁ କ'ଣ କରି ନାହାନ୍ତି ସେ ? ରମୁ (ରମେଶ )ଭଲ ପାଠ ପଢୁଥିଲା ଛୋଟ ବେଳେ । ଦିନରାତି ଖଟି ଖଟି ରାଧଶ୍ୟାମବାବୁ ତା' ପାଇଁ ଟିଉସନର ବ୍ୟବସ୍ଥାଠୁ ଆରମ୍ଭ କରି ରାତି ରାତି ତାକୁ ପାଠ ପଢେଇବା ପାଇଁ ଅଖିଆ ଅପିଆ ଉଜାଗର ହୋଇ ବସି ରହନ୍ତି ପୁଅକୁ ବଡି ଭୋରରୁ ଉଠେଇବେ , ତାକୁ ସାଇକେଲରେ ବସାଇ ୧୦ କି.ମି. ଦୂର ରଙ୍ଗନାଥ ସାରଙ୍କ ଘରକୁ ନେଇଯିବେ ଗଣିତ ଆଉ ବିଜ୍ଞାନ ଟିଉସନ ପାଇଁ । ସେଠୁ ଆସିଲେ ଘର ବାଡ଼ି ଚାଷ ବାସରେ ଲାଗିଯାଆନ୍ତି । ଚଷା ଘର ପୁଅ ସେ । ଚାଷ ହିଁ ତ ତାଙ୍କ ଜୀବନ । ରମୁ ପରେ ହିଁ ସାବି (ସାବିତ୍ରୀ)ର ଜନ୍ମ । ସାବି କ୍ରମେ ବଡ଼ ହେଲା । ସବୁବେଳେ ଦେଖେ ବାପା ତା'ର ସବୁଥିରେ ବଡ଼ ଭାଇକୁ ଭଲ ପାଆନ୍ତି , ତାକୁ ଆଖିରେ ବି ଦେଖନ୍ତିନି । ଆଉ ରାଜୁ ତାଙ୍କ ପରିବାରକୁ ଆସିବା ପରେ ସେ ତ ବିଲକୁଲ ସମସ୍ତଙ୍କର ଅଣଦେଖା ହୋଇଗଲା । ବାପା ମା' ସବୁବେଳେ ଦୁଇ ଭାଇକୁ ଭଲ ପାଆନ୍ତି । ତାଙ୍କ ପାଇଁ ନୂଆ ପ୍ୟାଂଟ, ସାର୍ଟ ଚାରି ହଳ ଆସୁଥିବା ବେଳେ ତା' ପାଇଁ ଆସେ ଗୋଟିଏ ହଳ । ଖାଇବା ଜିନିଷଠାରୁ ଆରମ୍ଭ କରି ସବୁଥିରେ ଦୁଇ ଭାଇଙ୍କ ବେଶୀ ଭାଗ, ମାତ୍ର ତା' ପାଇଁ ମିଳେ ଟିକିଏ । ସାବି ବୁଝିପାରେନି କେଉଁଟା ଠିକ୍ ? ତାର କ'ଣ ତା ଭାଇମାନଙ୍କ ଭଳି ସମାନ ଅଧିକାର ନାହିଁ ? ସେ କ'ଣ ପାଇଁ ସବୁପ୍ରକାର ସୁବିଧା ସୁଯୋଗରୁ ବଞ୍ଚିତ ହୁଏ ସେ ଜାଣିପାରେନି । ରାତିର ଅନ୍ଧାରରେ ଗୁମୁରି ଗୁମୁରି କାନ୍ଦେ, ତା' କାନ୍ଦର ଏକମାତ୍ର ମୂକସାକ୍ଷୀ ଘରର ଚାରି କାନ୍ଥ । କିନ୍ତୁ କେବେବି ପ୍ରତିବାଦ କରିନି ବାପା ଆଉ ବୋଉଙ୍କ ଆଗରେ । ମନେ ମନେ ଠାକୁରଙ୍କୁ ଡାକେ ଆଉ କହେ, "ହେ ଜଗନ୍ନାଥ ! ମୋ ଦୁଇ ଭାଇ ଓ ବାପା ବୋଉଙ୍କୁ ଭଲରେ ରଖିଥାଅ । ସେମାନଙ୍କ ଖୁସିରେ ମୋ ଖୁସି ।" ଏମିତି ଶୈଶବ ଯାଇ କୈଶୋରରେ ପାଦ ଦେଲେ ରମୁ, ରାଜୁ ଓ ସାବି । କ୍ରମେ ତା' ରମୁ ଭାଇ ମେଡ଼ିକାଲ ଏଣ୍ଟ୍ରାନ୍ସରେ ପାସ କରି କଟକ ବଡ଼ ମେଡିକାଲରେ ଏମ୍.ବି.ବି.ଏସ୍ ପଢିଲା । ଅଥଚ ସାବି ଭଲ ପାଠ ପଢୁଥିଲେ ବି ତା'ର ପାଠପଢାରେ ଡୋରି ମାଟ୍ରିକ ପରେ ସବୁ ଦିନ ପାଇଁ ବନ୍ଦ ହେଲା । ରାଧୁ ମହାନ୍ତି ବଡ଼ ପୁଅ ରମୁକୁ ନିଜ ଗୋଡ଼ରେ ଛିଡା କରିଲାପରେ ରାଜୁ ପାଇଁ ମଧ୍ୟ ତଦନୁରୂପ ପ୍ରଚେଷ୍ଟାରେ ଲାଗିଲେ । ଝିଅ ପାଇଁ କେବେ ବି ସେ ଚିନ୍ତା କରୁ ନ ଥିଲେ । ଝିଅ ଜନମ ପର ଘରକୁ । ତାକୁ ପାଠ ପଢେଇଲେ ଲାଭ କ'ଣ ? ସେ କ'ଣ ଆମକୁ ପୋଷିବ ? ଏହି ଭଳି ଅନେକ ପ୍ରଶ୍ନ ତାଙ୍କ ଝିଅ ସାବି ପାଇଁ ଅନେକ ଦିନରୁ ବସା ବାନ୍ଧି ରହିଯାଇଥିଲା । ତେଣୁ ପୁଅ ଦୁଇ

ଜଣଙ୍କ ପାଇଁ ଯେତିକି ସ୍ନେହ ଶ୍ରଦ୍ଧା ତାଙ୍କ ମନରେ ଥିଲା ହୁଏ ତ ଏହି କାରଣରୁ ଝିଅକୁ ସେ ଭଲପାଉ ନ ଥିଲେ । ରାଧୁ ମହାନ୍ତି ସେତେବେଳେ ବେଶୀ ଭାଙ୍ଗି ପଡିଲେ , ଯେତେବେଳେ ଜାଣିଲେ ଯେ ତାଙ୍କ ପୁଅ ବୋହୂ ପାଇଁ ବାପା ବୋଉଙ୍କ ଅପେକ୍ଷା ନିଜ ଘର ସଂସାର ସ୍ତ୍ରୀ, ପୁତ୍ର ସବୁକିଛି । କିନ୍ତୁ ରାଧଶ୍ୟାମବାବୁ ଓ ପ୍ରମିଳା ଦେବୀ ଏଥିରେ ବେଶୀ ଖୁସି ହେଲେ । ହିଁ ଅବଶ୍ୟ ସେମାନଙ୍କୁ ପ୍ରଥମେ ପ୍ରଥମେ ଟିକେ କଷ୍ଟ ହେଲା କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ନିଜ ମନକୁ ବୁଝାଇ ଦେଲେ । ରାଧଶ୍ୟାମବାବୁ ଓ ପ୍ରମିଳା ଦେବୀ ବହୁଦିନ ପର୍ଯ୍ୟନ୍ତ ବୁଝିପାରିଲେ ନାହିଁ ଯେ ଯେଉଁ ମାଟି କଣ୍ଢେଇଗୁଡିକୁ ନିଜ ହାତରେ ଯତ୍ନକରି ଗଢ଼ିଥିଲେ ସେହି କଣ୍ଢେଇ ଆଜି ନିଜକୁ ପର କରି ଆଉ କାହା ହାତରେ ଖେଳନା ହୋଇ ନାଚୁଛନ୍ତି । ବିବେକଶୂନ୍ୟ କିପରି ହେଲେ ସେମାନେ ?ପ୍ରାୟ ଦୁଇ ବର୍ଷ ହେବ ରମୁର ଫୋନ ନାହିଁ କି ଚିଠି ନାହିଁ । ନିଜ ଆଡୁ କେତେବେଳେ ରାଧାଶ୍ୟାମ ବାବୁ ଫୋନ କରନ୍ତି ନାତି ଟୋକା ସାଙ୍ଗରେ ଟିକେ କଥା ହେବା ଲାଗି । ସେଇଥିରେ ବି ତାଙ୍କ ବୋହୂର ଫୋନରେ କେତେ ତାଗିଦ ରାଧାଶ୍ୟାମ ବାବୁଙ୍କୁ ପ୍ରମିଳା ପଚାରନ୍ତି ରମୁ ଆମର କ'ଣ କହୁଥିଲା ? ନିଜ ହୃଦୟର କୋହକୁ ଓଠରେ ଚାପି ରାଧାଶ୍ୟାମ ବାବୁ କହନ୍ତି, "ଆର ମାସକୁ ସେମାନେ ଗାଁକୁ ଆସିବେ ।"ବର୍ଷ ବର୍ଷ ଧରି କେତେ ଆଉ ନିଜ କୋହ ସମ୍ଭାଳିବେ ରାତି ରାତି ନଖାଇ ନ ଶୋଇ ନିଶାର୍ଦ୍ଧ ରାତିରେ ଗୁମୁରି ଗୁମୁରି କାନ୍ଦିବା ଛଡା ଆଉ କିଛି ନ ଥାଏ ତାଙ୍କ ପାଖରେ । ଆଉ ରାଜୁ ବାବୁଙ୍କର ବାପା ବୋଉଙ୍କ ଉପରେ ରାଗ । ବଡ଼ ଭାଇ ପାଇଁ ବାପା ଯେତେ କରିଛନ୍ତି ତା' ପାଇଁ ବାପା କୁଆଡେ ସେତିକି ହେଲେ କରିନାହାନ୍ତି ।

ବେଳେ ବେଳେ ରାଧାଶ୍ୟାମ ବାବୁ ବସି ଭାବନ୍ତି ଏତେ ସ୍ନେହ ମମତା ଭଲପାଇବା, ଶିକ୍ଷା, ସଂସ୍କାର ଦେଇ ପୁଅ ମାନଙ୍କୁ ମଣିଷ କରିବାର ଫଳ କ'ଣ ଏଇଆ ? ସାଧାରଣ ମାନବପଣିଆ କଣ ଏମାନଙ୍କ ପାଖରେ ନାହିଁ ? ତାଙ୍କ ଆଦର୍ଶ ସଚ୍ଚୋଟପଣିଆର କ'ଣ ଏହି ମୂଲ୍ୟ ଦେଲେ ଏମାନେ ? ରମୁ ମେଡ଼ିକାଲ କଲେଜରେ ପାଠ ପଢିବା ବେଳେ ସେ ମନେ ମନେ କେତେ କ'ଣ ଭାବିଥିଲେ । ଗାଁରେ ଗୋଟେ ବଡ଼ ଡାକ୍ତରଖାନା ପ୍ରତିଷ୍ଠା କରି ତାଙ୍କ ରମୁ ପାଲଟିବ ଏ ଗାଁର ମଉଡ଼ମଣି । କିନ୍ତୁ ଅପରପକ୍ଷରେ ତାଙ୍କ ବିବେକଶୂନ୍ୟ ମନରେ କାହିଁକି ନିଜ ଝିଅ ସାବି ପ୍ରତି ଏତେ ପାତର ଅନ୍ତର କଲେ ? ଝିଅ ସାବିକୁ ୧୮ ବର୍ଷ ହେବା ମାତ୍ରେ ଏକ ସୁଯୋଗ୍ୟ ବର ଦେଖି ବିଭା କରିଦେଲେ । ସାବିର ଶାଶୁଘର ତାଙ୍କ ଗାଁଠୁ ଅଳ୍ପ ଦୂର । ବାହାଘର ପରଠୁ ସାବି ଦୁଇଘର ମଧ୍ୟରେ ଥିଲା ଯୋଗସୂତ୍ର ରକ୍ଷାକାରୀ । ବୋଉର ପ୍ରତିଟି କଥାକୁ ମାନିକାମ କରିଆଜି ସେ ତା ଶାଶୁ ଘରେ ଜଣେ ଆଦର୍ଶ ବୋହୂ, ଆଦର୍ଶ ପତ୍ନୀ ଭୂମିକାରେ କେବଳ ଯେ ଅବତୀର୍ଣ୍ଣ ହୋଇଛି ତାହା ନୁହଁ ବରଂ ସବୁବେଳେ ଜଣେ ଆଦର୍ଶ ଝିଅ ହେବାରେ କୌଣସି ଗୁଣରେ ସେ ଊଣା କରିନି । ସୁଖ ଦୁଃଖରେ ସବୁ ସମୟରେ ବାପା ବୋଉଙ୍କ ଯତ୍ପରନାସ୍ତି ସେବା ଶୁଶ୍ରୁଷା କରିଛି । ଭାଇ ଭାଉଜଙ୍କୁ କେତେ ବୁଝାଇଛି । ସର୍ବ ଶେଷରେ ନିଜେ ଆହୁତି ଭଳି ଭଳି ଦୁଇ କୁଳର ହିତରେ ଲାଗିଛି ସବୁବେଳେ । ପ୍ରତି ସପ୍ତାହରେ ବାପା, ବୋଉଙ୍କୁ ଖବର ବୁଝିବାକୁ କେବେ ବି ଭୁଲେନି ସାବି । ପ୍ରତିଦିନ ଫୋନରେ ଭଲମନ୍ଦ ବୁଝେ । ସୁବିଧା ଅସୁବିଧାରେ ସାବିର ସ୍ୱାମୀ ସତ୍ୟବ୍ରତ ମଧ୍ୟ ଦେଖା ଶୁଣାକରନ୍ତି । ନିଜ ବାପା ବୋଉ ଆଉ ଶାଶୁ ଶ୍ୱଶୁର ମଧ୍ୟରେ କେବେ ଫରକ ଦେଖନ୍ତିନି ସତ୍ୟ । ସତ୍ୟର ବି ଏକାଜିଦ ଯେ ସେମାନେ ଆସି ତାଙ୍କ ଘରେ ରହନ୍ତୁ । ରାଧାଶ୍ୟାମ ବାବୁ, ପ୍ରମିଳା ଦେବୀ ଜୀବନତମାମ ନିଜକୁ ଦୋଷୀ ଅନୁଭବ କରୁଥାନ୍ତି ପ୍ରତିକ୍ଷଣ ତାଙ୍କ ନିଜ ଝିଅ ପାଇଁ କରିଥିବା ଅନ୍ୟାୟ ପାଇଁ । ଅଥଚ ସେହି ଝିଅ ଆଜି ବୁଝେଇ ଦେଇଛି ଝିଅ ଯେ ପୁଅମାନଙ୍କ ଅପେକ୍ଷା କୌଣସି ଗୁଣରେ କମ୍ ନୁହଁ ବୋଲି । ଉଚ୍ଚ ଶିକ୍ଷିତ ସମ୍ଭ୍ରାନ୍ତ ପଣିଆରେ ମାନବିକତାକୁ ଯେ କେବେବି କିଣାଯାଇପାରେନା ଆଜି ବୁଝିପାରିଛନ୍ତି ସେମାନେ । ପୁଅ ଦୁଇ ଜଣତାଙ୍କ ପାଇଁ ବଜାରରେ ମିଳୁଥିବା ନକଲି ସୁନା ଆଉ ତାଙ୍କ ଝିଅ ହିଁ ପ୍ରକୃତରେ ମଣି କାଞ୍ଚନ ।

ରଣସିଂହ ପୁର ଆଶ୍ରମ,ଭେଗରାଇ,ବାଲେଶ୍ୱର

# ସଂରକ୍ଷଣ : ରକ୍ଷଣ ନା ଭକ୍ଷଣ ବ୍ୟବସ୍ଥା

-ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ

ଆମ ସ୍ୱାଧୀନତା ପାଇବାର ଆସିହେଲା ସତୁରି ବର୍ଷ । ଏହି ସତୁରି ବର୍ଷ ଭିତରେ କେନ୍ଦ୍ରରେ ତଥା ରାଜ୍ୟମାନଙ୍କରେ କେତେ ଦଳର ସରକାର ଆସିଛନ୍ତି ଏବଂ ଯାଇଛନ୍ତି । ପଛୁଆ ଜାତି/ଉପଜାତିଙ୍କ ପାଇଁ ସକଳ କ୍ଷେତ୍ରରେ ସଂରକ୍ଷଣ ବିଧିବ୍ୟବସ୍ଥା ଯେମିତି ଥିଲା ସେମିତି ରହିଛି । ଦେଶର ସମ୍ବିଧାନ ପ୍ରଣୟନ ବେଳେ ଭାରତୀୟ ସମାଜ ଜୀବନରେ କେତେ ଅସମତୁଲତାକୁ ଲକ୍ଷ୍ୟକରି ପଛୁଆ ଜାତି/ଉପଜାତିଙ୍କ ପାଇଁ କେତେକ ସ୍ୱତନ୍ତ୍ର ବିଧି ବ୍ୟବସ୍ଥା ଖଞ୍ଜା ଯାଇଥିଲା ଯାହାକୁ ଆମେ ସଂରକ୍ଷଣ କହୁଛୁ । ଏସବୁ ବ୍ୟବସ୍ଥା କେବଳ ସେମାନଙ୍କ ଆର୍ଥିକ ଓ ସାମାଜିକ ଅଗ୍ରଗତି ନିମନ୍ତେ ଅଭିପ୍ରେତ ଥିଲା । ସେମାନେ ସବୁ ସମାଜ ଜୀବନର ମୁଖ୍ୟ ସ୍ରୋତଠାରୁ ସହିତ ସେମାନଙ୍କୁ ସାମାଜିକ ପ୍ରତିଷ୍ଠା ଦେବାକୁ ଏହି ବିଧି ବ୍ୟବସ୍ଥାର ଅବଧି ଥିଲା ଦଶବର୍ଷ ।

ଏହି ପ୍ରଥମ ଦଶବର୍ଷର ଅବଧି ଭିତରେ ସେମାନଙ୍କ ଭିତରୁ କେତେ ଶତାଂଶ ମୁଖ୍ୟ ସ୍ରୋତରେ ସାମିଲ ହେଲେ, ଅବଶିଷ୍ଟ କେତେ ଶତାଂଶ କାହିଁକି ପଛୁଆ ହେଇ ରହିଗଲେ ସେଥିରେ ଦେଶର ନା ଦଶର , ଏପରିକି କାହାର ଦାୟବଦ୍ଧତା ରହିଲା ନାହିଁ । ଦେଖାଗଲା ସଂପୃକ୍ତି ନାହିଁ ତ ସହଭାଗିତା ଆସିବ କୁଆଡୁ କ'ଣ ହେଲା କେଜାଣି, ଦଶ ବର୍ଷକୁ ଦଶ ବର୍ଷ ସଂରକ୍ଷଣ ବିଧି ବ୍ୟବସ୍ଥା ସମ୍ବିଧାନ ସଂଶୋଧନ ଦ୍ୱାରା ବଳବତ୍ତର କରାଯିବାର ଦେଖାଯାଇଛି । ଦେଖିବା କଥା ପଛୁଆ ଜାତି/ଉପଜାତିଙ୍କ ଭିତରୁ ଯେଉଁମାନେ ଆର୍ଥିକ ଦିଗରୁ ସବୁ କ୍ଷେତ୍ରରେ ଉପରକୁ ଉପରକୁ ଉଠିଲେ, ସେହି ବ୍ୟକ୍ତି/ ପରିବାରଙ୍କ ନାମ ପଛୁଆ ଜାତି/ ଉପଜାତି ତାଲିକାରୁ କାଟିଦେବା କଥା । ଅନ୍ୟ ପକ୍ଷରେ ଅନ୍ୟ ବର୍ଗମାନଙ୍କ ଭିତରେ ଯେଉଁମାନେ ପଛୁଆ ଚିହ୍ନଟ ହୁଅନ୍ତେ, ସେମାନଙ୍କ ପରିସଂଖ୍ୟାନ ଆଧାରରେ ସେମାନଙ୍କୁ ସଂରକ୍ଷଣ ସୁବିଧା ସୁଯୋଗ ଦେବା କଥା । ମାତ୍ର ସେପରି କିଛି ହେଲା ନାହିଁ । ଲକ୍ଷପତି/ କୋଟିପତି ପଛୁଆ ବର୍ଗର ଲୋକେ ଯେଉଁ ସୁଯୋଗ ପାଉଥିଲେ ସେହି ସୁଯୋଗ ପାଇଲେ । ଏଇଟା ଥ ଜାଗିରି/ବଂଶାନୁକ୍ରମିକ ବିଧି ବ୍ୟବସ୍ଥା ନୁହେଁ । ଯାବତ୍ ତନ୍ଦ୍ରାର୍କ ଚାଲୁଚି ଚାଲୁଥିବ । ସେତେବେଳେ କ'ଣ ବ୍ୟବସ୍ଥା ହୋଇଥିଲା ସେପରି ଅବସ୍ଥାତ ଏବେ ନାହିଁ । ପରିବର୍ତ୍ତିତ ପରିସ୍ଥିତିରେ ତା'ର ତର୍ଜମା ନକଲେ ଢାଳରେ ଯେତେ ପାଣି ପୂରେଇଲେ ମଧ୍ୟ ବୋହିଯିବା ହିଁ ସାରହେବ ।

ଏଇ କେତେ ବର୍ଷ ଭିତରେ ଅନ୍ୟ ପଛୁଆ ଜାତି (ଓ.ବି.ସି)ସାମାଜିକ ଶୈକ୍ଷିକ ସ୍ତରରେ ପଛୁଆ ଜାତି (ଏସ୍.ଇ.ବି.ସି)ଜାତିର ପରିସଂଖ୍ୟାନ ନିଆଯାଇଛି ସରକାରୀ ଗାଇଡଲାଇନ ଆଧାରରେ । ରାଜା ରାଜୁଡ଼ା ଅମଳରୁ ଜାତିଜାତି ଭିତରେ ଭେଦଭାବକୁ ନେଇ ଏ ପର୍ଯ୍ୟନ୍ତ କାହିଁ ଯେ କେତେ ହଙ୍ଗାମା ହୋଇଛି । ନିଆଁ ପାଣିର ଅଟକ ଭିତରେ କେଉଁଠି ତ କିଛି ଅଟକି ଯାଇନାହିଁ । ମହାତ୍ମା ଗାନ୍ଧୀଙ୍କ ଅସ୍ପୃଶ୍ୟତା ଆନ୍ଦୋଳନ କେତେଦୂର ସଫଳ ହୋଇଛି ସମସ୍ତେ ସେ କଥା ଜାଣନ୍ତି ଆଉ ଜାତିକୁ ନେଇ ରାଜନୀତି ଅଥବା ଜାତିଆଣ ପ୍ରୀତି ।କାହିଁକି କରାଯାଉଛି, ବୁଝା ପଡୁନାହିଁ । ଆମର ଜାତୀୟତା ହେଉଛି ଆମର ଜାତି । ଏହି ପରିଚିତିକୁ ଯଦି ସାର୍ବଜନୀନ ସାର୍ବକାଳିକ ଅର୍ଥରେ ବିଚାର କରାଯାଆନ୍ତା ଏତେସବୁ ଭେଦଭାବ ସାମାଜିକ କି ଅର୍ଥନୈତିକ ବୈଷମ୍ୟ ରହନ୍ତା ନାହିଁ । କ୍ରମେ କ୍ରମେ ଅପସରି ଯାଆନ୍ତା ।

ସବୁ ଜାତି ଭିତରେ ସରକାରୀ ଗାଇଡ ଲାଇନ ଅନୁସାରେ ପଛୁଆ ଜାତି ରହିଛନ୍ତି । କେବଳ ଅନୁସୂଚିତ ଜାତି କି ଉପଜାତି ନୁହନ୍ତି, ସେମାନଙ୍କୁ ପୁଣି ମୁଖ୍ୟ ସ୍ରୋତକୁ ଆଣିବ କିଏ ? ସବୁ ଜାତିର ପଛୁଆମାନଙ୍କୁ ଗୋଟିଏ ବିଧିବ୍ୟବସ୍ଥା ଭିତରେ ଏଥିରେ ଅନ୍ତର୍ଭୁକ୍ତ କରାନଯିବା କେଉଁ ସାମାଜିକ ନ୍ୟାୟ ? କେଉଁ ସମାନତାର ଅଧିକାର ? ଅନ୍ୟ ପଛୁଆ ବର୍ଗ ଭିତରେ ଶିକ୍ଷାଦୀକ୍ଷାକୁ ନେଇ, ସରକାରୀ ଚାକିରି ଓ ପଦୋନ୍ନତିକୁ ସେଇ ଯେଉଁ ଅସନ୍ତୋଷର ବହ୍ନି କୁହୁଳି ଉଠୁଛି, ତାକୁ ପ୍ରଶମିତ କରିବ ବା କିଏ ? ସମ୍ଭବତଃ ସ୍ୱଚ୍ଛଳ ବର୍ଗକୁ ଉଚ୍ଚବର୍ଗ (ବ୍ରାହ୍ମଣ, କ୍ଷତ୍ରିୟ,କରଣ ଜାତି ଆଦି)ବୋଲି ଧରିନେଇ ସେମାନଙ୍କୁ ଅନ୍ୟ ପଛୁଆ ଜାତି (ଓ.ବି.ସି) ତାଲିକାରୁ ବାଦ ଦିଆଯାଇଛି । ସେମାନଙ୍କ ଭିତରେ କ'ଣ ଦାରିଦ୍ର୍ୟ ସୀମାରେଖା ତଳେ (ବି.ପି.ଏଲ)ଲୋକେ ନାହାନ୍ତି । ସେମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରିବାର ମୌଳିକ ସମାନତାର ଅଧିକାର କ୍ଷୁଣ୍ଣ ହେଉନାହିଁ କି ?

ବି.ପି.ଏଲ୍ ଧାରୀ , ଏ.ପି.ଏଲ୍ ଧାରୀ ଆଜି ଏକ ଷ୍ଟାଟର୍ସରେ ପରିଣତ ହୋଇଗଲାଣି । ଯେଉଁମାନେ ଆଜି ବି.ପି.ଏଲ. କାର୍ଡ଼ ଅଧିକାରୀ ହୋଇଛନ୍ତି, ଏ କେତେ ବର୍ଷ ଭିତରେ ସେମାନଙ୍କ ମଧ୍ୟରୁ କେତେକଙ୍କ ଆର୍ଥିକ ମାନର ବୃଦ୍ଧି

ଘଟିଲାଣି । ଏ ହିସାବ ସରକାରୀ ପରିସଂଖ୍ୟାନ ସ୍ତରରେ ଅଛି ନା' ନାହିଁ । ମାତ୍ର ଧୁଆମୂଳା- ଅଧୁଆ ମୂଳା ରୂପେ ସଭିଏଁ ସେହି ମାନଦଣ୍ଡରେ ଗରିବ ହୋଇ ରହିଛନ୍ତି, ଯାହା ସେହି ଅଧିକାର ଟିକକରୁ ସେମାନଙ୍କୁ ବଞ୍ଚିତ କରିବାକୁ କେହି ବୋଧେ ଚାହୁଁନାହାନ୍ତି । ନା' ତୁଷ୍ଟୀକରଣ ନିମନ୍ତେ ଏହା ଗୋଟିଏ ସର୍ବୋତ୍ତମ ଫର୍ମୁଲା ।

ସମାଜରେ ଯେଉଁମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ଦିଗରୁ ପଛୁଆ ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଦେବାକୁ କିଏ ମନା କରୁନି । ମାତ୍ର ସେହି ଆଧାରରେ ସେହି ସ୍ତରରେ ଥିବା ସାମାଜିକ ତଥା ଆର୍ଥିକ ମାନଦଣ୍ଡରେ ପଛୁଆ ଜାତିର କଥାକୁ ବିଚାରକୁ ନେବାରେ କିଛି ଅସଙ୍ଗତି ନାହିଁ । ଅନୁସୂଚିତ ଜାତି/ଉପଜାତି ଭିତରେ ସରକାରୀ ସ୍ତରରେ ଓ ବେସରକାରୀ ସ୍ତରରେ କେତେକ ଅଛନ୍ତି, ଆର୍ଥିକ ଦୃଷ୍ଟିରୁ ସେମାନେ ସବୁ ସ୍ୱଚ୍ଛଳ, ପଦମର୍ଯ୍ୟାଦା (ଷ୍ଟାର୍ଟସ)କିଛି କମ ନାହିଁ । ସେମାନଙ୍କୁ ଓ ସେମାନଙ୍କ ପରିବାରକୁ ସଂରକ୍ଷଣ ବିଧି ବ୍ୟବସ୍ଥା ଭିତରେ ରଖାଯିବ କାହିଁକି ? ସେହି ତୁଳନାରେ ଅନ୍ୟ ଅସ୍ୱଚ୍ଛଳ ବର୍ଗଙ୍କୁ ଏହି ବ୍ୟବସ୍ଥାର ସୁଯୋଗ ଦେବାରେ କ'ଣ ବେଦ ଅଶୁଦ୍ଧ ହୋଇଯାଉଛି । ଏହା ଏକ ସମ୍ବେଦନଶୀଳ ପ୍ରଶ୍ନ ।

ଜାତିଗତ ପ୍ରମାଣପତ୍ର , ଆର୍ଥିକ ପ୍ରମାଣପତ୍ର ଏହାର ଆଧାର । ପଛୁଆ ଜାତି ଭିତରେ ଆର୍ଥିକ ଦୃଷ୍ଟିରୁ ବହୁ ଆଗୁଆ ବ୍ୟକ୍ତି/ପରିବାର ରହିଛନ୍ତି । ସେମାନେ ସମାଜରେ ସ୍ୱଚ୍ଛଳ ସୁଖ ସ୍ୱାଚ୍ଛନ୍ଦ୍ୟ ବର୍ଗରେ ଯାଉଛନ୍ତି ନା' ନାହିଁ । ସ୍ୱାଭିମାନ ଦୃଷ୍ଟିରୁ ସେମାନେ ସବୁ ସଂରକ୍ଷଣ /କୋଟା ଭିତରେ ମୁଣ୍ଡ ନଗଳାଇବା କଥା । ଏ କଥା କିଏ ବିଚାରକୁ ନେଉଛି । ଜାତିଗତ ପ୍ରମାଣପତ୍ର ବ୍ୟତୀତ ଆର୍ଥିକ ପ୍ରମାଣପତ୍ର ମଗାଇ ଏହି ସଂରକ୍ଷଣରୁ ସେମାନଙ୍କୁ ଉଚ୍ଛେଦ କରିବା କଥା । ତା' ହେଲେ ସେମାନେ 'ଆଲୋ ସଖି, ଆପଣା ମହତ ଆପେ ରଖି' ନ୍ୟାୟରେ ଶିକ୍ଷା ଚାକିରି ଆଦି କ୍ଷେତ୍ରରେ ସାଧାରଣ ବର୍ଗ ଭିତରକୁ ଆସିବାକୁ ପଛାନ୍ତେ ନାହିଁ । ଯଦ୍ୱାରା ଆର୍ଥିକ ତଥା ସାମାଜିକ ବୈଷମ୍ୟ କମନ୍ତା ନା ନାହିଁ । ଏହି ବିଚାରରେ ଅନ୍ୟବର୍ଗର ମଧ୍ୟ ସଂରକ୍ଷଣରେ ଅନ୍ତର୍ଭୁକ୍ତ ହୋଇପାରନ୍ତେ ।

ଏଇଠି ଗୋଟିଏ ପ୍ରଶ୍ନ ଉଠେ- ଗରିବର ପୁଣି ଜାତି କ'ଣ ? ତହା ତ ଗୋଟିଏ ଅବସ୍ଥା । ସେହି ଅବସ୍ଥା ଭିତରେ ସବୁଜାତି/ବର୍ଗର ଲୋକେ ଅଛନ୍ତି । ଏହାକୁ ଆଉ ଅଧିକ ଭାଗ ଭାଗ ନକରି ଗୋଟିଏ ସଂରକ୍ଷଣ ବ୍ୟବସ୍ଥା ଭିତରେ ରଖାଗଲେ ଭାରତୀୟ ସମାଜରେ ଅର୍ଥନୈତିକ ଭିତ୍ତିଟି କେତେକାଂଶରେ ସଜାଡ଼ି ହୋଇପାରନ୍ତା । ନେଡ଼ି ଗୁଡ଼ କହୁଣୀକୁ ବୋହିବା ପୂର୍ବରୁ ପଛୁଆ ଜାତି /ଉପଜାତିଙ୍କ ନିମନ୍ତେ ଯେଉଁ ସଂରକ୍ଷଣ ନୀତି ଅନୁସୃତ ହୋଇଚାଲିଛି, ତାହାକୁ ହଟେଇ ଦେଇ 'ବହୁଜନ ହିତାୟ ବହୁ ଜନ ସୁଖାୟ' ଆଧାରରେ ସୁଦୂର ପ୍ରସାରୀ ସଂରକ୍ଷଣ ବ୍ୟବସ୍ଥାଟିଏ ପ୍ରବର୍ତ୍ତନ କରାଯାଉ । ଏହା ଜାତିବାଚକ ନହୋଇ ଗୁଣ ବାଚକ ହେଉ । ଜାତି ଜାତି ଭିତରେ ସନ୍ତୁଳନ ରକ୍ଷା ସହିତ ସବୁ ଜାତିକୁ ଏକାଠି ଧରି ବିକାଶର ମାର୍ଗକୁ ପ୍ରଶସ୍ତ ତଥା ଉନ୍ନତ କରୁ । ଏହାହିଁ ରାଷ୍ଟ୍ର , ସରକାର ତଥା ବୁଦ୍ଧିଜୀବୀମାନଙ୍କର ଧ୍ୟେୟ ହେଉ ।

ମହାନଦୀ ବିହାର,କଟକ

**POWER HOUSE**

**DISTRIBUTOR**

**LUMINOUS, EXIDE, AMCO**

**MADHUPATNA, SAMRAT HALL, CUTTACK**
**RAM MANDIR ROAD, PHULBANI**
**MAIN ROAD, NAYAGARH**
**MOB. : 94371 24943**



# ଭଗବାନଙ୍କ ଇଚ୍ଛା

-ସୁଧୀର କୁମାର ଦ୍ୱିବେଦୀ

ସବୁ ଭଗବାନଙ୍କ ଇଚ୍ଛା-ଏଇଟା ହିଁ ଥିଲା ବିନୋଦଙ୍କ ଧ୍ୟେୟ ବାକ୍ୟ । ବିନୋଦ ତହସିଲ ଅଫିସରେ ପିଅନ କାମ କରନ୍ତି, ହେଲେ ଆଜି ସେ ସହରର ଜଣେ ବହୁ ଚର୍ଚ୍ଚିତ ବ୍ୟକ୍ତି । କିଛି ଲୋକ ତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରିଛନ୍ତି । ଇଜ୍ଜତ୍ ବି ଦେଉଛନ୍ତି ।

କୋଡିଏ ବର୍ଷତଳର କଥା । ବିନୋଦଙ୍କ ସବା ସାନ ଝିଅ ରିମା ତା' ମାଆ ପେଟରେ ଥାଏ । ଆଜିକାଲି ପରି ସେତେବେଳେ ଏତେ କଟକଣା ନ'ଥିଲା । ଲିଙ୍ଗ ନିରୂପଣ କରାଇ ତଦନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି ବିନୋଦଙ୍କୁ ଅନେକ ଲୋକ ପରାମର୍ଶ ଦେଇଥିଲେ । ମାତ୍ର ବିନୋଦ ଜଣେ ଧାର୍ମିକ ସ୍ୱଭାବର ଲୋକ ଥିଲେ । ଗର୍ଭପାତ ତ ଦୂରର କଥା, ଲିଙ୍ଗ ନିରୂପଣ କରିବାକୁ ମଧ୍ୟ ସେ ରାଜି ହୋଇ ନ'ଥିଲେ । ଭଗବାନଙ୍କ ନିର୍ଦ୍ଦେଶରେ ହିଁ ସବୁ କିଛି ଘଟିଥାଏ ଆଉ ତାଙ୍କ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରିବା ପାପ- ଏମିତି ଏକ ଦୃଢ଼ ଧାରଣା ତାଙ୍କ ମନରେ ପିଲାବେଳୁ ଥିଲା । ମାତ୍ର ପୁତ୍ରଟିଏ ପାଇବା ଆଶାରେ ଦି'ପ୍ରାଣୀ ଭଗବାନଙ୍କ ଦ୍ୱାରସ୍ଥ ହେବାକୁ ଭୁଲି ନ'ଥିଲେ । କେତେ ମାନସିକ,ଓଷା,ଉପବାସ ନ' କରିଛନ୍ତି ସେମାନେ । ମନ୍ଦିର ମନ୍ଦିର ବୁଲିଛନ୍ତି । ମାତ୍ର ଭଗବାନଙ୍କ ଇଚ୍ଛା ନ' ଥିଲା ବୋଧହୁଏ । ରିମା ଯେତେବେଳେ ଜନ୍ମ ହେଲା , ବିନୋଦ ଖୁବ ଭାଙ୍ଗିପଡିଥିଲେ । ତାଙ୍କର ପୁତ୍ରଟିଏ ପାଇବାର ଆଶା ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିଲା । ସାହି ପଡୋଶୀ ଲୋକେ କେତେ ଟାହି ଟାପରା କରିଥିଲେ । ମୁହଁ ଲୁଚାଇ ଖୁବ୍ ହସିଥିଲେ । ବିନୋଦବି ଦି'ଦିନ ଧରି ଘରୁ ବାହାରିପାରି ନ'ଥିଲେ । ଭଗବାନଙ୍କ ଇଚ୍ଛା ବୋଲି ଭାବି ବିନୋଦ ନିଜକୁ ସାନ୍ତନା ଦେଇଥିଲେ ସିନା ବିନୋଦଙ୍କ ସ୍ତ୍ରୀ ଝିଲି ଖାଲି କାନ୍ଦୁଥିଲା । ନ' କାନ୍ଦିବା ବା କିପରି ! ରିତା,ରିୟା,ରିନା ଆଉ ରିମା ଚାରି ଚାରିଟା ଝିଅଙ୍କୁ ଜନ୍ମ ଦେଇଛି ସେ । ସ୍ୱଳ୍ପ ଆୟରେ ଚାରିଟା ଝିଅଙ୍କ ଭରଣପୋଷଣ, ପାଠପଢ଼ା ସାଙ୍ଗକୁ ବିବାହ ଦେବା ସହଜ କଥା ନୁହଁ । ବିନୋଦଙ୍କ ପାଇଁ ତା' ଠାରୁ ଅଧିକ ଦୁଃଖଦ ଅନୁଭୂତି ଥିଲା ତାଙ୍କ ଭଉଣୀକୁ ନେଇ । ଆର୍ଥିକ ଦୁରାବସ୍ଥା ପାଇଁ ତାଙ୍କ ଭଉଣୀ ଅବିବାହିତ ରହିଯାଇଛି । ବୟସ ବର୍ତ୍ତମାନ ତାକୁ ପଇଁତିରିଶି ।

ବିନୋଦଙ୍କ ଝିଅମାନେ ଶାଗ ପଖାଳ ଖାଇ ବଢିବାକୁ ଲାଗିଲେ । ସମସ୍ତେ ଥିଲେ ମିଷ୍ଟଭାଷୀ । ସ୍ୱାସ୍ଥ୍ୟବତୀ ଓ ସୁଶୀଳା । ବୟସ ବଢିବା ସହିତ ସମସ୍ତେ କିଛି କିଛି ରୋଜଗାର ମଧ୍ୟ ଆରମ୍ଭ କରିଦେଇଥିଲେ । ତାଙ୍କ ଘର ପାଖରେ ଥିବା ପ୍ରେସ୍‌ରେ ଡ଼ି.ଟି.ପି କରିବା ଥିଲା ସେମାନଙ୍କ ମୁଖ୍ୟ କାମ । ସେତିକିରେ ସେମାନେ ସ୍ୱାବଲମ୍ବୀ ହେବା ସହିତ ଘର ପାଇଁ ଗୋଟିଏ ସ୍କୁଟି ମଧ୍ୟ କିଣି ପାରିଥିଲେ । ଦେଖୁ ଦେଖୁ ଚାରିଟା ଯାକ ଝିଅ ସ୍ଥାନୀୟ କଲେଜରୁ ପ୍ଲସ ଥ୍ରୀ ପାସ୍ କରିଗଲେ ।

ମାତ୍ର କୋଡିଏ ବର୍ଷ ଭିତରେ ଯୁଗ ବଦଳି ଯାଇଛି କନ୍ୟାଭ୍ରୁଣ ହତ୍ୟା କରି କରି ପୁଅଙ୍କ ତୁଳନାରେ ଝିଅଙ୍କ ଅନୁପାତ କମିଯାଇଛି । ବିନୋଦ ଦେଖୁଥିଲେ ପୂର୍ବପରି ବର ପିତାଙ୍କର ଆଉ ବଡ ପଣନାହିଁ । ରିତାର ବିବାହ ପାଇଁ ଗୁଡ଼ାଏ ପ୍ରସ୍ତାବ ଆସିଲାଣି ଏ ଭିତରେ । ସେମାନଙ୍କ ମଧ୍ୟରୁ ରେଳବାଇରେ କାମ କରୁଥିବା ବରପାତ୍ରକୁ ବିନୋଦଙ୍କ ଭାରି ପସନ୍ଦ । ବରପିତା ମଧ୍ୟ ବିନା ଯୌତୁକର ରିତାକୁ ହିଁ ବୋହୂକରି ନେଇଯିବାକୁ ଜିଦ ଧରିବସିଛନ୍ତି । ବିନୋଦଙ୍କ ସବୁ ସର୍ତ୍ତ ମାନିବାକୁ ସେ ପ୍ରସ୍ତୁତ । ଏପରିକି ସେ ବିନୋଦଙ୍କୁ ସମୁଦୀ ବୋଲି ସମ୍ବୋଧନ କରିବା ଆରମ୍ଭ କରି ଦେଇଥିଲେ । ମାତ୍ର ଭଗବାନଙ୍କ ଇଚ୍ଛା ବୋଲି କହି ବିନୋଦ ନୀରବ ରହି ଯାଉଥିଲେ ।

ଏ ଭିତରେ ବର୍ଷେ ବିତି ଯାଇଥିଲା । ରିତାର ବିବାହ ପାଇଁ କିଛି ନିଷ୍ପତ୍ତି ନେବା ପୂର୍ବରୁ ରିୟା ପାଇଁ ମଧ୍ୟ ଭଲ ପ୍ରସ୍ତାବଟିଏ ଆସିଯାଇଥିଲା । ରିୟାର ଶାଶୁ ରିୟା ପିନ୍ଧିଥିବା ଶାଢ଼ୀ ଖଣ୍ଡକ ବ୍ୟତୀତ ତାଙ୍କର ଆଉ କିଛି ଦରକାର ନାହିଁ ବୋଲି କହିସାରିଥିଲେ । ଦି' ଝିଅଙ୍କୁ ଏକା ସାଙ୍ଗରେ ବିବାହ କରିଦେବାକୁ ସେ ବିନୋଦଙ୍କୁ ପ୍ରସ୍ତାବ ଦେଲେ । ପ୍ରସ୍ତାବ କିଛି ମନ୍ଦ ନ'ଥିଲା । ମାତ୍ର ଈଶ୍ୱରଙ୍କ ଇଚ୍ଛା ଭିନ୍ନ ଥିଲା ।

ଫେସବୁକ,ହ୍ୱାଟ୍ସ ଆପ ହିଁ ଆଜିକାଲି ମଧ୍ୟସ୍ଥିର ଭୂମିକା ନିଭାଉଛନ୍ତି । ଏ ଇଣ୍ଟରନେଟ ଯୁଗରେ କେତେବେଳେ ଯେ କ'ଣ ଘଟିବ କିଛିକହି ହେବନି । ପୁଅ ହେଉ ବା ଝିଅ ଅଙ୍ଗୁଳି ଟିପରେ ହିଁ ମନ ପସନ୍ଦର ସାଥି ପାଇଯାଉଛନ୍ତି । ଏହି କ୍ରମରେ ଦେଖୁ ଦେଖୁ ରିନା ଓ ରିମା ପାଇଁ ମଧ୍ୟ ବରଘର ଜୁଟିଗଲେ ।

ବରପକ୍ଷଙ୍କ ତରଫରୁ ବିନୋଦଙ୍କ ଉପରେ ଚାପ ବଢ଼ି ଚାଲିଥିଲା । ଚାରିଜଣ ଯାକ ଝିଅଙ୍କୁ ଏକା ସାଙ୍ଗରେ ବିବାହ କରିଦେଲେ କେମିତି ହୁଅନ୍ତା ବିନୋଦଙ୍କ ନିକଟରେ ଚାରି ସମୁଦୀଙ୍କ ଥିଲା ନିଃସର୍ତ୍ତ ପସ୍ତାବ ।

ମାତ୍ର କୌଣସି ସର୍ତ୍ତରେ ବନୋଦ ରାଜି ହେଉନଥିଲେ । ବିନୋଦ ନୀରବ ରହିଥିଲେ ରହସ୍ୟମୟ ଭାବରେ । ଶେଷକୁ ବରପକ୍ଷଙ୍କ ତରଫରୁ ବିନୋଦଙ୍କୁ ପ୍ରବର୍ତ୍ତାଇବା ପାଇଁ ଆସିଥିଲେ ନାଥ ବାବୁ । ନାଥବାବୁ ସେ ଅଞ୍ଚଳର ଜଣେ ଜଣାଶୁଣା ସମାଜ ସେବକ । ସେ ବିନୋଦଙ୍କ ଜଣେ ଅନ୍ତରଙ୍ଗ ମିତ୍ର । ନାଥବାବୁ ୟାତୁସ୍ୟାତୁ ନାନା କଥା କହି ବିନୋଦଙ୍କ ମନକଥା ଜାଣିବାକୁ ଚେଷ୍ଟା କଲେ । କଥା ଛଳରେ ବିନୋଦ କହିଲେ ମୋର ଚାରୋଟି ଝିଅଙ୍କ ପାଇଁ ସିନା ବର ମିଳିଗଲେ, ମୋର ପଞ୍ଚମ ଝିଅ ପାଇଁ ବରଟିଏ ମୁଁ ଖୋଜୁଛି । ବରଟିଏ ପାଇଗଲେ ମୁଁ ମୋ ପାଞ୍ଚଟି ଯାକ ଝିଅଙ୍କୁ ବାହାଦେଇ ନିଶ୍ଚିତ ହେବି । ନତୁବା ମୋ ଆତ୍ମା ଶାନ୍ତି ପାଇବନି । ନାଥବାବୁ କିଛି ବୁଝି ନ' ପାରି ବିନୋଦଙ୍କୁ ବଲବଲ ହୋଇଚାହିଁ ରହିଲେ । ବିନୋଦ ଦୀର୍ଘ ଶ୍ୱାସ ପକାଇ କହିଲେ-କ'ଣ ବୁଝି ପାରିଲନି ନାଥବାବୁ , ମୋ ଭଉଣୀ କଥା କହୁଛି । ତା'ର ଅବାଡୁଆ ମୁହଁ ଦେଖି ମୁଁ କ'ଣ ଶାନ୍ତିରେ ରହି ପାରିବି । ଲୋକେ କହିବେ କ'ଣ ? ବାପ ଛେଉଣ୍ଡ ଗୋଟେ ଭଉଣୀକୁ ବାହା ଦେଇପାରିଲାନି, ଅଥଚ ଚାରି ଚାରିଟା ଝିଅଙ୍କୁ ବାହା କରିଦେଲା ।ପ୍ରଥମେ ତା' ଘର ନ ବସାଇବା ପର୍ଯ୍ୟନ୍ତ ମୋ ବିବେକ ମୋତେ କ୍ଷମା ଦେବନି । ଦେଖାଯାଉ ଭଗବାନଙ୍କ ଇଚ୍ଛା ! ନାଥବାବୁ ସାମାନ୍ୟ ଚିନ୍ତା କରି କହିଲେ ଦେଖନ୍ତୁ, ଆପଣଙ୍କ ଆପତ୍ତି ନ' ଥିଲେ ମୁଁ ଆପଣଙ୍କ ଭଉଣୀଙ୍କୁ ବିବାହ କରିବାକୁ ପ୍ରସ୍ତୁତ ଅଛି । ଜୀବନରେ ଅପାତତଃ ବିବାହ କରିବେନି ବୋଲି ସ୍ଥିର ତାଙ୍କ ଆଖିରୁ ଖସି ପଡ଼ିଲା ଦି'ଟୋପା ଆନନ୍ଦାଶ୍ରୁ । ପରମାନନ୍ଦରେ ପୁରି ଉଠିଲା ତାଙ୍କ ମନ ଓ ହୃଦୟ ।

ତଥାପି ବିନୋଦଙ୍କ ସାହସ କୁଳାଉ ନ'ଥିଲା । ଏକା ସାଙ୍ଗରେ ଭଉଣୀ ଓ ଚାରିଟା ଝିଅଙ୍କ ବାହାଘର !!!

ୟା ମୁହଁରୁ ତା ମୁହଁ- କଥା ଧୀରେ ଧୀରେ ପ୍ରଘଟ ହେଲା । ସେ ଦିନ ବିନୋଦଙ୍କୁ ନେଇ ଖବର କାଗଜରେ ରିପୋର୍ଟଟିଏ ପ୍ରକାଶ ପାଇଲା । ଟି.ଭି. ରେ ମଧ୍ୟ ଏ ଖବର ପ୍ରସାରିତ ହେଲା । ଅର୍ଥ ବାଧକ ନ' ହେଲେ ବିନୋଦ ପରି ଜଣେ ନିମ୍ନ ଆୟକାରୀ ଲୋକଟିଏ ଭଉଣୀ ଓ ଚାରିଜଣ ଝିଅଙ୍କୁ ଏକ ଦିନରେ ବିବାହ ଦେବେ ବୋଲି ଖବରଟି ସାରା ରାଜ୍ୟରେ ଚହଳ ସୃଷ୍ଟି କଲା ।

ବାସ୍ ସେତି ଯଥେଷ୍ଟ ଥିଲା । ଏ ଗଣ ବିବାହକୁ ସଫଳ କରିବା ନିମନ୍ତେ ସବୁଆଡୁ ସାହାର୍ଯ୍ୟ ସହଯୋଗର ସୁଅ ଛୁଟିବାକୁ ଲାଗିଲା ବିନୋଦଙ୍କ ପାଖକୁ । ପ୍ରଥମେ ସହରର ଜଣେ ବିଶିଷ୍ଟ ଠିକାଦାର ଏ ବାହାଘର ନିମନ୍ତେ ଆବଶ୍ୟକ ଚାଉଳ ଯୋଗାଇ ଦେବେ ବୋଲି ଘୋଷଣା କରିଦେଲେ । ଘରୋଇ ବସ୍ ମାଲିକ ସଂଘ ଡାଲି ଓ ପନିପରିବା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଲେ । ମାର୍‌ୱାଡି ଯୁବମଞ୍ଚ ବିବାହ ପାଇଁ ଆବଶ୍ୟକ ସମସ୍ତ କପଡା ବିନାମୂଲ୍ୟରେ ଯୋଗାଇ ଦେବେ ବୋଲି ଘୋଷଣା କଲେ । କିଏ ଟେଣ୍ଟ ଖର୍ଚ୍ଚ ବହନ କରିବ ବୋଲି କହିଲେ ତ କିଏ ବାଜା ଖର୍ଚ୍ଚ । ଝିଅ ନ' ଥିବା ଚାରିଜଣ ଉତ୍ସାହୀ ଲୋକ ନିଜ ତରଫରୁ କନ୍ୟାଦାନ କରିବାର ଦାୟିତ୍ୱ ଗ୍ରହଣ କଲେ । ଖୋଦ ରମେଶ ଭଉଣୀକୁ କନ୍ୟାଦାନ ଦେବେ ବୋଲି ନିଷ୍ପତ୍ତି ନେଇଥିଲେ । ଉପହାର ଓ ଶୁଭେଚ୍ଛା ବାର୍ତ୍ତା ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ବେଶ କିଛିଟଙ୍କା ସାହାଯ୍ୟ ଆକାରରେ ମଧ୍ୟ ମିଳିଲା ।

ଏ ସାମୂହିକ ବିବାହ କିପରି ସୁରୁଖୁରୁରେ ସମ୍ପର୍ଣ୍ଣ ହେବ ସେଥିପାଇଁ ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମସ୍ତ ଦାୟିତ୍ୱ ବହନ କଲେ ।ବିବାହ ନିମନ୍ତେ ସ୍ଥାନୀୟ ଫୁଟବଲ ପଡିଆକୁ ମନୋନୀତ କରାଗଲା ।

ଶୁଭ ମୁହୂର୍ତ୍ତ ଉପନୀତ ହେଲା । ବାଣ,ବାଜା ସହ ଗୋଟିକ ପରେ ଗୋଟିଏ ବର ଶୋଭାଯାତ୍ରାରେ ସମଗ୍ର ସହର ହୋଇଉଠିଲା ଉତ୍ସବ ମୁଖର । ଖୁବ ଯାକଜକମରେ ସ୍ୱାଗତ କରାଗଲା ବରଓ ବରାଯାତ୍ରୀଙ୍କୁ । ନିରାମିଷ ଭୋଜିଭାତରେ ସମସ୍ତଙ୍କୁ ଆପ୍ୟାୟିତ କରାଗଲା । ଜାତିଧର୍ମ ନିର୍ବିଶେଷରେ ଏ ଗଣ ବିବାହ ଉତ୍ସବ ଦେଖିବାକୁ ଶହ ଶହ ଲୋକଙ୍କ ଭିଡ ହୋଇଥିଲା । ବରଯାତ୍ରୀ ହୁଅନ୍ତୁ ଅବା ସ୍ଥାନୀୟ ଲୋକ, ମାନ ଅଭିମାନ ନ'ଥିଲା କାହାରି ମନରେ । ବରଂ ଏ' ବିବାହ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତେ ଏକ ସାଲିସ ମନୋଭାବ ନେଇ ସହଯୋଗର ହାତ ବଢ଼ାଇ ଦେଉଥିଲେ । ପୁରୋହିତଙ୍କ ମନ୍ତ୍ର ଧ୍ୱନି ସାଙ୍ଗକୁ ସମସ୍ତ ରୀତିନୀତି ସହ ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା । ଅପରାହ୍ନରେ ଅଗ୍ରଣୀ ମହିଳା ସଂଗଠନ 'ନାରୀ'ତରଫରୁ ଆୟୋଜନ କରାଗଲା ଏକ ସଭା । ଉକ୍ତ ସଭାକୁ ସ୍ଥାନୀୟ ବିଧାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ସେଠିକାର ବି.ଡି.ଓ । ସମ୍ମାନିତ ଅତିଥି ଆସନରେ ବସାଯାଇଥିଲା ବିନୋଦଙ୍କ ଧର୍ମପତ୍ନୀ ଝିଲିକୁ । ଝିଅମାନଙ୍କୁ ନେଇ ଗର୍ବ କରିବାର ଏ ଅପୂର୍ବ ସୁଯୋଗଟିକୁ ହାତଛଡା କରି ନ'ଥିଲେ ଝିଲି । ଭାଷଣରେ ଝିଲି କହିଥିଲେ ତାଙ୍କ ଜୀବନର ଗୁଡାଏ ଅଙ୍ଗେନିଭା କଥା । ତା' ସାଙ୍ଗକୁ ଆଜିକାଲି ଲୋକଙ୍କ କନ୍ୟାଭ୍ରୁଣ ହତ୍ୟା ମନୋବୃତ୍ତିକୁ ଖୁବ୍ ନିନ୍ଦା କରିଥିଲେ ସେ । ବିଧାୟକ ମହୋଦୟ ପ୍ରତି ନବ ଦମ୍ପତ୍ତିଙ୍କୁ ଦଶହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରିବା ସହ ଝିଲିକୁ ଉପଢୌକନ ଦେଇ ସମ୍ମାନିତ କଲେ । ଶେଷରେ ଧନ୍ୟବାଦ ଅର୍ପଣ ନିମନ୍ତେ ବିନୋଦଙ୍କୁ ମଞ୍ଚ ଉପରକୁ ଡକାଗଲା । ମାତ୍ର ସେ କେବଳ ଗୋଟିଏ ବାକ୍ୟ ବୋହରାଇବାକୁ ଲାଗିଲେ ସବୁ ଭଗବାନଙ୍କ ଇଚ୍ଛା-ସବୁ ଭଗବାନଙ୍କ ଇଚ୍ଛା । ଏପଟେ କନ୍ୟାମାନଙ୍କ ବିଦାକି ପାଇଁ ସମସ୍ତ ଆୟୋଜନ ସରିଯାଇଥିଲା । ଶାସନସାହି,ଦେବଗଡ



ଶାସନସାହି, ଦେବଗଡ

# କଳି ଯୁଗର ବନ୍ଧୁ

-ମହେଶ୍ୱର ସାହୁ

ଆପଣମାନେ ପ୍ରସ୍ତର ଯୁଗ,ତାମ୍ର ଯୁଗ, ସତ୍ୟ ଯୁଗ, ତ୍ରେତୟା ଯୁଗ, ଦ୍ୱାପର ଯୁଗ ଆଦି ପଢ଼ିଥିବେ । ଆଜି ନିଶ୍ଚୟ ଏକ କଳିଯୁଗର କିଛି ଦୃଷ୍ଟାନ୍ତ ପଢିବେ ଓ ଉପଲବ୍ଧି କରିବେ ମଧ୍ୟ । ରାମ ଓ ନରେଶ ଦୁଇସାଙ୍ଗ । ଦୁଇ ଗାଁର ଲୋକ, ହେଲେ ବିପଦ ଆପଦରେ ଦୁଇ ଜଣ କାନ୍ଧ ମିଳେଇ ସମସ୍ତ କାର୍ଯ୍ୟ କରି ଯାଇଥାନ୍ତି । ରାମ ସ୍ୱଭାବରେ ସରଳ , ଶାନ୍ତ, ନମ୍ର,ଧୀର ଓ କର୍ତ୍ତବ୍ୟ ପରାୟଣ ମଧ୍ୟ । କିନ୍ତୁ ନରେଶ ସ୍ୱଭାବରେ ଟିକେ କର୍କଶ,କ୍ରୁର,ଧୃତ,କପଟୀ ଓ ନୃଶଂସ ପ୍ରକୃତିର ଥିଲା । ଦିନକର କଥା ରାମ ନରେଶର ଘରକୁ ଆସିଥାଏ । ନରେଶ ତା'ର ପତ୍ନୀ ନମିତାକୁ କହିଲା, "ବୁଝିଲ ରାମର ଚର୍ଚ୍ଚା ଟିକେ ଭଲ ଭାବେ କରିବ ଆଉ ମୋର କୌଣସି ଗୋଟେ ଗୁରୁତ୍ୱପୂର୍ଣ୍ଣ କାମ ଅଛିଓ ମୁଁ ଆସୁଛି" ।

ନମିତା ରମର ସମସ୍ତ ଚର୍ଚ୍ଚାଭଲ ଭାବରେ କଲେ । ଖାଇବା ସରିଲା ରାମ ନିଜ ବନ୍ଧୁ ଗୃହରେ ବିଶ୍ରାମ ନେଲେ । ନିଜର ବନ୍ଧୁ ଗୃହଠାରୁ ବହୁତ ଉନ୍ନତ ମାନର ଅଟେ । ପକ୍କା ଘର ସହିତ ନାନାବିଧ ଉପକରଣରେ ସୁସଜ୍ଜିତ ଇନ୍ଦ୍ରଭୁବନର ମହଲ । ଯାହା ହେଉ ବନ୍ଧୁ ମୋର ଖୁସିରେ ଥାଉ କହି ରାମ ନିଜକୁ ଶୟନ କକ୍ଷରେ ବିଶ୍ରାମ ଦେଲେ । ଇତି ମଧ୍ୟରେ ନରେଶ ନିଜ କର୍ମ ସମାପ୍ତ କରି ଗୃହକୁ ଆଗମନ କଲେ । ଆଉ ରାମର ଚର୍ଚ୍ଚାର ଶୁଭ ବାର୍ତ୍ତା ଶୁଣି ଆନନ୍ଦିତ ହେଲେ ।

କିଛି ସମୟ ପରେ ରାମବାବୁ ମଧାହ୍ନ ଶୟନ ବିରାମ କରି ଦେଖିଲେ ନରେଶ ଆସିଯାଇଛି । ନରେଶକୁ ପାଖକୁ ଡାକି କହିଲେ ନରେଶରେ ମୁଁ ଚାଲିଲି ସିଆଡେ ମୋର ବହୁତ କାମ ଅଛି । କିନ୍ତୁ ନରେଶ କହିଲା ଦେଖ ଆଜି ରାତ୍ରିଯାପନ ମୋ ଭବନରେ କରିବାକୁ ପଡିବ । ଦେଖ ମୋ କଥା ମାନବୁ ଆଉ ରହିବୁ ମଧ୍ୟ । ରାମ ବହୁତ ବାଧ୍ୟ କଲେ ମଧ୍ୟ ନରେଶ ଶୁଣିଲେ ନାହିଁ । ଶେଷରେ ରାମ ନରେଶ ଗୃହରେ ରାତ୍ରଭୋଜନ ପାଇଁ ରାଜି ହେଲେ ।

ରାତ୍ରି ନଅଟା ମଧ୍ୟରେ ଭୋଜନ କାମ ସରିଯାଇଥିଲା । ରାତ୍ର ଶୟନ ପାଇଁ ଅତିଥି ଗୃହରେ ରାମକୁ ନରେଶ ଅନୁରୋଧ କରିଥିଲେ । ରାମ ନିଜ ବିଛଣାରେ ଶୋଇଥାନ୍ତି । ଠିକ୍ ରାତି ବାରଟା ହେବ ପ୍ରାୟ । ଏକ ଚିତ୍କାର ଶବ୍ଦ ଶୁଭୁଥିଲା । ରାମଙ୍କର ନିଦ ଭାଙ୍ଗିଯାଇଥିଲା । ଯାହା ହେଲେ ବି ଭୋଜନ ପରର ନିଦ ବହୁତ ନିଗୋଢ଼ ରହିଥାଏ । ରାମ ଚିତ୍କାର ଶବ୍ଦ ଶୁଣିଲେ ଓ ଟିକେ ଉଠି ବସିଲେ । ରାତ୍ର ଅନ୍ଧକାର ଭିତରେ ଚିତ୍କାର ଶବ୍ଦ ଭାସି ଆସୁଛି କେଉଁ ଦିଗରୁ ବାରି ହେଉନଥାଏ । ଏମିତି ଚିନ୍ତା କରୁଥାନ୍ତି ରାମ, କ'ଣ ବିପଦ ପଡିଲା ନରେଶ ଉପରେ । ଯାହା ହେଲେ ବି ସେ ମୋର ବାଲ୍ୟବନ୍ଧୁ । ତା'ର ଖୁସି ମୋର ଖୁସି ଆଉ ତା'ର ଦୁଃଖ ମୋର ଦୁଃଖ, ଯାହା ହେଲେ ବି ସେ କାଳେ କୌଣସି ବିପଦରେ ପଡିଥିବ । ନ'ହେଲେ ଏମିତି ଚିତ୍କାର ଶବ୍ଦ କାହାର । ଯେତେହେଲେ ବି ମୁଁ ଅତିଥି ନରେଶ ପାଇଁ । ହଉ ଯାଇ ଦେଖେ କ'ଣ ହେଇଛି କହି ନିଜର କବାଟ ଖୋଲିଲେ ରାମ । ଆଉ ଏମିତି ଦୃଶ୍ୟ ଦେଖି ନିଜେ ଅବାକ ହୋଇ ଗଲେ ରାମ ।

କେଇଜଣ ଗୁଣ୍ଡା ଶ୍ରେଣୀର ଲୋକ ହାତରେ ଛୁରୀ ଆଉ ଧରି ନରେଶକୁ ବାନ୍ଧି ଦେଇଥାନ୍ତି । ଗୋଇଠା ଓ ବିଧା ମଧ୍ୟ ମାରିଚାଲିଥାନ୍ତି । ସେମାନେ ତାମକୁ ଦେଖି ଟିକେ ଭୟବିତ ହୋଇ ଗଲେ ଓ ରାମକୁ ଛାଡି ଦେଇ ଚାଲିଯାଇଥିଲେ । ଯାହା ହେଲେ ବି ଯୋଡ଼ାକୁ ଘୋଡା ସରିହେବନି । ସେମିତି ନରେଶ ପାଖରେ ରାମକୁ ଦେଖି ସେମାନେ ନରେଶର କୌଣସି କ୍ଷତି ନ'କରି ଚାଲି ଯାଇଥିଲେ ।

ରାମ ନରେଶକୁ ବନ୍ଧନ ମୁକ୍ତ କରି ପଚାରିଲେ, "କିରେ ନରେଶ ସେମାନେ କିଏ ଆଉ ଅଧରେ ଘରେ ପଶି ତୋତେ କାହିଁକି ମାରିଦେବାର ଧମକୀ ଦେଉଥିଲେ" ।

ନରେଶ ସିଧା ସିଧା ରାମକୁ କହିଲା ସେ ମୋର ବ୍ୟକ୍ତି ଗତ ସମସ୍ୟା ଆଉ ତୁ କାହିଁକି ଏଠିକି ଆସିଲୁ ଆଉ ମଲେ ମୁଁ ମରିଥାନ୍ତି । ତୁ' କ'ଣ ମୋ ଇଜ୍ଜତକୁ ମାଟିରେ ମିଶେଇ ନିଜକୁ ବଡ଼ପଣିଆ କରିବା ଲକ୍ଷରେ ମୋ ପାଖକୁ ଧାଇଁ ଆସିଲୁ ।

ନରେଶର ଏମିତି ଓଲଟା ନୀତି ରାମ ବୁଝିପାରିନଥିଲା । ରାମ କହିଲା ଭାଇରେ ମୁଁ କେମିତି ସହିଥାନ୍ତି ତୋର କରୁଣ ଚିତ୍କାର ତୁ ପରା ମୋର ବାଲ୍ୟ ବନ୍ଧୁ । ମୁଁ ମୋ ନିଜ ଜୀବନଠାରୁ ତୋତେ ଅଧିକ ଭଲପାଏ । ବରଂ ମୋ ଜୀବନ ଚାଲି ଯାଉ ତୋ'ପାଇଁ ହେଲେ ତତେ ମୁଁ କେବେ ବିପଦରେ ଦେଖି ପାରିନ'ଥାନ୍ତି । କିନ୍ତୁ ନରେଶ ନିଜର ବଡ଼ ପଣିଆ ଆଉ ଅହମିକାକୁ ଜାବୁଡି ଧରି ଅନ୍ଧପରି ଭର୍ତ୍ସନା କରିବାକୁ ଲାଗିଲା । ଅଧରାତି ଆଉ ରାମର କୌଣସି ଉପାୟ ନ'ଥିଲା ଯେକି କିଛି କହିବାର । ନରେଶ ତା'କୁ ଓଲଟା ବୁଝୁଥିଲା ଆଉ ନିଜକୁ ବଡ଼ ବୋଲି ଧନୀ ବୋଲି କହୁଥିବା । ନରେଶ ଯେ' ଲୋକମାନଙ୍କ ପଇସା ଖାଇ ଆଉ ଜଣେ ଡ୍ରଗ୍ସ ବେପାରୀ ହୋଇ ଘରେ ବସିଛି ଯେ କଥା ରାମ ଜାଣିନଥିଲା ।

ନରେଶ ବୁଝିଗଲା ଯେ ମୋର କୋଠା ବାଡି ଠକାମି ଆଉ ଟାଉଟରୀ କର୍ମରୁ ହୋଇଛି ବୋଲି ରାମ ତ' ଜାଣିନେଲା । କେମିତି ଆଉ ମୁଁହ ଦେଖେଇବି ରାମ ଆଗରେ । କିନ୍ତୁ ରାମ

ତା'ର କଳା କାରନାମା କିଛି ଜାଣିନ'ଥିଲା । ସେ ଜାଣି ପାରୁନ'ଥିଲା ନରେଶ କାହିଁକି ତା'ଉପରେ ଏତେ ରାଗୁଛି ଆଉ ଭିଣି ଭିଣି ହେଉଛି । କେମିତି । ରାତି ତା'ର କଳା କାରନାମା କିଛି ଜାଣିନଥିଲା । ସେ ଜାଣି ପାରୁନଥିଲା ନରେଶ କାହିଁକି ତା' ଉପରେ ଏତେ ରାଗୁଛି ଆଉ ଭିଣି ଭିଣି ହେଉଛି । କେମିତି ରାତି ପାହୁଛି ଆଉ ଏଠୁ ସେ ବିଦାୟ ନେବ ସେଇ କଥା ଭାବି ହେଉଥାଏ ।

ରାତି ପାହିବା ସମୟ ପୂର୍ବରୁ ପୁଣି ଥରେ ଘରେ କୋଳା ହଳ ଶୁଭିଥିଲା । ଆଉ ନରେଶ ରାମ ରାମ ବୋଲି ଡାକ ଛାଡିଥିଲା । ରାମର ନିଦ ଭାଗିଯାଇଥିଲା ଏବଂ ସେ ଉଠି ଦେଖେତ ନରେଶ ଭବନରେ ପୋଲିସ । କ'ଣ ହେଇଛି ସେ ବୁଝିଲା ପୂର୍ବରୁ ପୋଲିସ ଆସି ତା' ହାତରେ ଓ ନରେଶ ହାତରେ ମଧ୍ୟ ହାତକଡୀ ପକେଇ ଦେଲେ । ରାମର କୌଣସି କଥା ବୁଝିବାକୁ କେହି ନ'ଥିଲେ ପାଖରେ । ପୋଲିସ ତା'କୁ ଧରି ନେଇଥିଲେ ଓ ଥାନାରେ ଥିବା ହାଜତ ମଧ୍ୟରେ ରଖି ଦେଇଥିଲେ ଦୁଇ ସାଙ୍ଗଙ୍କୁ । କ'ଣ ହୋଇଛି ଆଉ ମୋର ଦୋଷ କ'ଣ ଜାଣିବାକୁ କି କାହାକୁ ପଚାରିବାକୁ ସମୟ ନ'ଥିଲା ତା'ପାଖରେ ।

ହଠାତ କେଇ ଜଣ ପୋଲିସ କର୍ମୀ ଆସିରୋଲ ବାଡ଼ି ଧରି ନିଧୁମ ବାଡେଇବା ଆରମ୍ଭ କରିଦେଲେ ଏବଂ ପଚାରୁଥିଲେ କହ, "ଆଉ କିଏ ତମ ସାଥିରେ ଅଛି ? କେତେଜଣ ମିଶି ଡ୍ରଗ୍ସ ବେପାର କର ?" ।

ଡ୍ରଗ୍ସ ବେପାର କଥା ଶୁଣି ରାମର ହୋଶ ଉଡିଯାଇଥିଲା । ସେ ତ' କେବେ ଡ୍ରଗ୍ସ ଦେଖିନି ଜୀବନରେ ! ନରେଶ କ'ଣ ଡ୍ରଗ୍ସ ବେପାର କରି ଧନୀ ଆଉ ମାନି ହେଇଛି । ଧରା ପଡିବା ପୂର୍ବରୁ ତା'ର ଡ୍ରଗ୍ସ ସାଥି ସେଇଥି ପାଇଁ ମାରିଦେବାକୁ ଆସିଥିଲେ ରାତିରେ ?

ହେ' ଭଗବାନ ! ବଞ୍ଚାଅ ମୋତେ ଏହି ବିପଦରୁ । ଏମିତି ବହୁତ ବାହୁନି ହେଉଥାଏ ରାମ ଆଉ ରୂଳ ବାଡିର ଆଘାତ ମଧ୍ୟ ସହୁଥାଏ । କଳି ଯୁଗର ନୀତିଗତି ରାମ ବୁଝିଯାଇଥିଲା ଇତି ମଧ୍ୟରେ । ଆଉ ସେ ମଧ୍ୟ ନିଜର ଶାନ୍ତ ଆଉ ସରଳ ଭାବନାକୁ ଜାଗ୍ରତ କରିଥିଲା । ତାମକୁ ହାଜତରେ ଦୁଇଦିନ ରଖିବା ପରେ ପୋଲିସ ନ୍ୟାୟାଳୟକୁ ସ୍ଥାନାନ୍ତରଣ କରିଥିଲେ । କାଠ ଗଡ଼ା ମଧ୍ୟକୁ ରାମକୁ ଡକା ଯାଇଥିଲା । ଆଉ ପଚରା ଯାଇଥିଲ ।ବିଚାରପତିଙ୍କ ଦ୍ୱାରା ଯେକି ତୁମେ କେତେ ଦିନ ଧରି ଡ୍ରଗ୍ସ ବେପାରରେ ସଂଶ୍ଳିଷ୍ଟ ଅଛ । ଏବଂ ରାମ ଗୋଟିଏ ସିଧା ସିଧା ଉତ୍ତର ଦେଇଥିଲେ, "ବିଚାରପତି ମହୋଦୟ,ଆପଣ ଏହି କଳି ଯୁଗର ଧର୍ମାବତାର, ମୁଁ ଜାଣିଛି ଆପଣ ମୋ ଉପରେ ବିଶ୍ୱାସ କରିବେନି ଆଉ କୌଣସି ସଂଘୀନ ଦଫା ଲଗେଇ ମୋତେ କାରାଗାର ପଠାଇ ଦେବେ । ହେଲେ ମୁଁ ଯାହା କହିବି ସତ କହିବି ଗୀତା ଛୁଇଁ କହୁଛି । ଯେକି ମୋର ଏଇ କଳିଯୁଗର ବନ୍ଧୁ ହେଉଛନ୍ତି ନରେଶ ଆଉ ତାଙ୍କ ଘରକୁ ମୁଁ ନିମନ୍ତ୍ରଣରେ ଆସିଥିଲି । ସେମାନେ ବାଧ କରିବାରୁ ରାତ୍ରସୟନ କରିଥିଲି । ୟା' ଛଡା ମୁଁ କିଛି ଜାଣିନି ଆଉ ୟା' ବିଷୟରେ ମୁଁ ଅବଗତ ନୁହଁ ।

ନରେଶକୁ ମଧ୍ୟ କାଠଗଡ଼ାକୁ ଡକା ଯାଇଥିଲ ଏବଂ ନରେଶ କହିଥିଲେ, "ମହାଶୟ , ୟେ' ବନ୍ଧୁ ମୋର ଡ୍ରଗ୍ସ ବେପାର ଆରମ୍ଭ କରିଛନ୍ତି ଆଉ ସେ କାଲି ଆମ ଘରକୁ ଡ୍ରଗ୍ସ ପଠାଇବା ପାଇଁ ଆସିଥିଲେ । ଏବେ ପୋଲିସ ଦ୍ୱାରା ଧରା ପଡିଯିବାରୁ ଖସି ଯିବାର କୌଶଳ ଖୋଜୁଛନ୍ତି ।"

ବିଚାରପତି ଟିକେ ଦ୍ୱନ୍ଦରେ ପଡି ଯାଇଥିଲେ ଓ କହିଥିଲେ ତୁମେ ଦୁଇ ବନ୍ଧୁ ସତ କି' ମିଛ କହୁଛ ଏବେ ମୁଁ ଏଇଠି ପ୍ରମାଣ କରିଦେବ । ଲୁଣ ଲୁଣ ଜାଗାରେ ରହିବ ଓ ଚିନି ମଧ୍ୟ ଜାଗାରେ ରହିବ ।

ବିଚାରପତି ନିର୍ଦ୍ଦେଶ ଦେଲେ ୟେ' ଦୁଇ ବନ୍ଧୁ ମଧ୍ୟରୁ କିଏ ସତ ଆଉ କିଏ ମିଥ୍ୟା କହୁଛି ଗୋଟେ ପରୀକ୍ଷା କରିବା ।ଏଇ' ପରୀକ୍ଷାରେ ଯିଏ ଜିତିବ ସିଏ ସତ କହୁଛି । ବିଚାରପତି କହିଲେ ଯେକି ଦୁଇ ପ୍ୟାକ ଡ୍ରଗ୍ସ ଆଣ ଆଉ ଦୁଇ ପକେଟକୁ ଦୁଇ ଗ୍ଲାସପାଣିରେ ଗୋଳାଇ ଦିଅ । ଚୌକିଦାର ଆଦେଶ ଅନୁସାରେ ଦୁଇ ପ୍ୟାକେଟ ଡ୍ରଗ୍ସକୁ ଦୁଇ ପ୍ୟାକେଟ ପାଣିରେ ଗୋଳେଇ ଦେଲେ ଆଉ ବିଚାରପତି କହିଲେ ଦୁଇଜଣଙ୍କୁ ଦୁଇ ଗ୍ଲାସ ଡ୍ରଗ୍ସ ସରବତ ଦିଆ ଯାଉ ପିଇବାକୁ । ରାମ ଖସିରେ ଧରିନେଲା ଓ ନରେଶ କହିଲା ଡ୍ରଗ୍ସ ମୁଁ କାହିଁକି ଧରିବି ? ରାମ ବେପାର କରୁଛି ସେ ପିଉ । ମୁଁ କାହିଁକି ପିଇକି ମରିବିଯେ । ପଇସା ପକେଇ ଓକିଲ ଧରି ଜାମିନି ଆସିବ । ପୁଣି ନିଜ ଜୀବନକୁ ଆଗେଇବି । କହି ନରେଶ ପିଇବାକୁ ଅନିଚ୍ଛା ପ୍ରକାଶ କଲେ ।

ରାମ କହିଲା ଯଦି ଡ୍ରଗ୍ସ ସରବତରେ ମୋର ଜୀବନ ଯାଇ ପାରିବ ତେବେ ମୋତେ ଦିଅନ୍ତୁ ବିଚାରପତି ! ମୁଁ ସେଇ ଡ୍ରଗ୍ସ ସରବତ ପିଇ ମରିବାକୁ ଚାହେଁ । କଳିଯୁଗର ମିଥ୍ୟା କଳଙ୍କ ଆଉ ଅପମାନ ମୁଁ ସହିପାରିବନି । କାରଣ ଏଇଟା କଳିଯୁଗ ଆଉ ଯାହାକୁ ବିଶ୍ୱାସ କରିବୁ ଓ ନିଜର ସଖା, ସାଙ୍ଗ ଓ ବନ୍ଧୁ ସହୋଦର ମନେ କରିବୁ ସେଇ ହେବ ତୁମର ପରମ ଶତ୍ରୁ । ତେଣୁ ମୁଁ ମରିବାକୁ ଚାହେଁ କହି ପୁରା ଗ୍ଲାସ ଯାକ ପିଇ ଦେଇଥିଲେ ରାମ ।

ବିଚାରପତି କହିଲେ ଦେଖ ରାମ ତମେ ଜଣେ ସଚୋଟ ଓ ସତ୍ୟବାଦୀ ବନ୍ଧୁ । ତୁମର ସତ୍ୟ ଓ ନିଷ୍ଠା ପାଇଁ ମୁଁ ତୁମ ନିକଟରେ ନତମସ୍ତକ ହେଉଛି । ତୁମେ ପିଇଥିବା ଡ୍ରଗ୍ସ ସରବତ, ତାହା ଡ୍ରଗ୍ସ ନ'ଥିଲା ଗ୍ଲୁକୋଜର ସରବତ । ବିଚାରପତି ରାମଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ନରେଶକୁ ଆଜୀବନ କାରାଦଣ୍ଡର ଶୁଣାଣି କରିଥିଲେ ।

ହେଲେ ରାମତ କରୁଣାର ଅବତାର ସେ'ତ ନ୍ୟାୟ ଓ ନିଷ୍ଠାର ଅବତାର । ଗୋଡ଼ତଳେ କଡିଯାଇଥିଲେ ବିଚାରପତିଙ୍କର ଆଉ ଗୁହାରି କରିଥିଲେ ମଣିମା ନରେଶ ଖଟି ଖାଇବ ବରଂ ସେ ଆଉ ଡ୍ରଗ୍ସ କାରବାର କରିବନି ତାକୁ ଛାଡି ଦିଅନ୍ତୁ ମଣିମା...... !!!

ଗେପୀବିନ୍ଧା, ବ୍ରାହ୍ମଣଗାଁ.ବାଲେଶ୍ୱର

# ସମ୍ଭାବନା

**-ସଞ୍ଜୟ କୁମାର ପଣ୍ଡା**

ଦିନ ପ୍ରାୟ ଦୁଇଟା । ବୈଶାଖ ମାସରେ ସୂର୍ଯ୍ୟଦେବ ଯେମିତି ଅଗ୍ନି ବର୍ଷା କରୁଥାନ୍ତି । ମୁଣ୍ଡ ଝାଇଁ ମାରିଦେଉଥାଏ । ବଜାର ଜନଶୂନ୍ୟ ହୋଇପଡ଼ିଥାଏ । ଅଧା ସଟର ଟାଣି ଦୋକାନୀ ମାନେ ପଙ୍ଖା ତଳେ ଟିକିଏ ବିଶ୍ରାମ ନେଉଥାନ୍ତି । ଚକ୍ରଧର କିନ୍ତୁ ଏଇ ମୁଣ୍ଡ ଫଟାଖାରାରେ ପଚାଶ ମାଇଲି ଦୂର ବଡ଼ ମାର୍କେଟରୁ ଯିବା ପାଇଁ ସ୍କୁଟର ନେଇ ବାହାରି ଆସିଛି ପୁରୁଣା କିଛି ଗାଡି ପାର୍ଟସ୍ ଖରାପ ଥିଲା ତାକୁ ଫେରେଇ ଆଉ କିଛି ନୂଆ ପାର୍ଟସ୍ ଲିଷ୍ଟ ଦେବାକୁ । ଗ୍ୟାଲେଜର ମାଲିକ ହେବା ଦିନଠାରୁ ତାକୁ ନିଶ୍ୱାସ ନେବା ପାଇଁ ସମୟ ନାହିଁ । ବଜାର ଛୋଟ ହେଲେବି ତା'ର ଗ୍ୟାରେଜ ବହୁତ ଭଲ ଚାଲେ । ଲୋକ ଗହଳି ସବୁବେଳେ ଥାଏ । କାରଣ ତା'ର ମାର୍ଜିତ ବ୍ୟବହାର ଏବଂ କାର୍ଯ୍ୟ ପ୍ରତି ନିଷ୍ଠା ଏହାର ବଡ଼ କାରଣ । ଭାରି ପରିଶ୍ରମୀ ମଧ୍ୟ । ବୟସର ଅପରାହ୍ନରେ ପାଦ ଦେଇବି ସେ କେବେ ପଛଘୁଞ୍ଚା ଦେଇନି ତା' କର୍ତ୍ତବ୍ୟ ପଥରୁ । ପରିଶ୍ରମୀ ହେବନି ବା କେମିତି । ବୋଝ ଉପରେ ନଳିତା ବିଡ଼ା ଭଳି ଭଗବାନ ତା'କୁ ଅନାଥ ଉପାଧି ସାଙ୍ଗକୁ ଦରିଦ୍ରର ସାଙ୍ଗିଆଟେ ଯେ' ଦେଇଥିଲେ ।ତାହାକୁ ନେଇ ସେ କେବେ ପରଘରରେ ବାସନ ମାଜିଛି, ବଜାର ହାଟ କରିଛି, ପାଇଟା ଲୁଗା ଧୋଇଛି, ରୋଷେଇ କରିଛି, ଗାଡି ପୋଛିଚି ତ କେବେ ଗାଡି ଚଳେଇଛି । ହେଲେ କେବେ କାହା ପାଖେ ହାତପାତିନି ।

ଦେହ ମୁଣ୍ଡରୁ ଗମଗମ ଝାଳ ବୋହିଯାଉଥାଏ । ଇଚ୍ଛା ହେଉଥାଏ ଟିକେ ଗଛ ମୂଳେ ବିଶ୍ରାମ ନେବାକୁ । ଏହି ସମୟରେ ସେ ଦେଖିଲା ଅନତି ଦୂରରେ ଏକ ବିଶାଳ ବଟବୃକ୍ଷ ମୂଳରେ କିଛି ଲୋକ ଏକାଠି ରୁଣ୍ଡ ହୋଇଛନ୍ତି । କିଛି ଗୋଟେ ଦୁର୍ଘଟଣାର ଆଶଙ୍କା କରି ସେ' ନିକଟକୁ ଯାଇ ଦେଖେତ ସତକୁ ସତ ଏକ ମର୍ମନ୍ତୁଦ ଦୁର୍ଘଟଣା । ରୋଡ ଡିଭାଇଡରରେ ପିଟିହୋଇ ଏକ ବାଇକ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ପଡ଼ିରହିଛି । ରକ୍ତ ଜୁଡୁବୁଡୁ ହୋଇ ପଡ଼ିରହିଛି ଜଣେ କୋଡ଼ିଏ ବାଇଶି ବର୍ଷ ବୟସର ଯୁବକଟିଏ । ଉପସ୍ଥିତ ଲୋକମାନେ ମୁମୂର୍ଷୁ ଲୋକଟିର ସେବା କରିବା ପରିବର୍ତ୍ତେ ଭିନ୍ନ ଭିନ୍ନ ପୋଜ୍‌ରେ ସେଲ୍ଫି ନେବାରେ ବ୍ୟସ୍ତ ।

ଡାକ୍ତରଖାନା ନେବା ପରିବର୍ତ୍ତେ ବିଭିନ୍ନ ଅବାନ୍ତର କଥାର ଗୁଞ୍ଜରଣ ସୃଷ୍ଟି କରିଥାନ୍ତି:-

"ଏ ଲୋକଟିକୁ କୋଉଠି ଦେଖିଲା ଭଳି ଲାଗୁଛି", "ଗାଡି ଖୁବ ସ୍ପିଡ଼ରେ ଥିଲା", "ଆଜି କାଲିର ଟୋକା କ'ଣ ମଣିଷ ମାନୁଛନ୍ତି", "ପଛ ଚକ ପୁରା ବଙ୍କା ହୋଇଯାଇଛି," "ନୂଆ ଗାଡି ଇନ୍ସୁରାନ୍ସ ଥିବ ସବୁ ଟଙ୍କା ମିଳିଯିବ", "ଲୋକର ଚେତା ଫେରିଲେ ପଚାରି ବୁଝନ୍ତେ ନାଆଁ କ'ଣ ଗାଁ କ'ଣ "ଇତ୍ୟାଦି ।

ଚକ୍ରଧର କିନ୍ତୁ ଏସବୁର ଉର୍ଦ୍ଧ୍ୱରେ । ହାତୁଡି ଆଉ ଗ୍ୟାରେଜ ସହ ପରିଚିତ ଦେହ ହାତ ସିନା ତା'ର ପଥର ପାଲଟିଯାଇଛି କିନ୍ତୁ ହୃଦୟଟା ଲବଣିଠାରୁ ଆହୁରି କୋମଳ । ଠେଲିପେଲି ଭିଡକୁ ଡେଇଁପହଞ୍ଚିଗଲା ସେ ଆହତ ଲୋକଟି ପାଖରେ । ଯେତେବେଳେ ନାଡ଼ିକୁ ଚିପିଧରି ଜାଣିଲା ଲୋକଟି ବଞ୍ଚିଛି ଖୁବ ଜୋରରେ ଚିତ୍କାର କରିବାକୁ ଲାଗିଲା- "ଆରେ କେହିତ ଆମ୍ବୁଲାନ୍ସକୁ ଫୋନ ଲଗାଅ" । ଭିଡ ମଧ୍ୟରୁ ଉତ୍ତର ଆସିଲା ଆମ୍ବୁଲାନ୍ସ ରୋଗୀ ନେଇ ବହୁତ ଦୂର ଚାଲିଯାଇଥିବାରୁ ଆସିବା ବିଳମ୍ବ ହେବ ।

ଚକ୍ରଧରର ମୁଖରେ ନିରାଶର ଚିହ୍ନ ସ୍ପଷ୍ଟ ବାରିହୋଇପଡୁଥାଏ । ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରୁଥାଏ । ନିଜକୁ ଦୃଢକରି ଆଗ ପକେଟରୁ ମୋବାଇଲ ବାହାରକଲା । ସେଥିରେ ଏକ ନମ୍ବର ଡାଏଲକରି ସେଠାରେ ଘଟିଥିବା ସମସ୍ତ ବୃତ୍ତାନ୍ତ ଏକ ନିଶ୍ୱାସରେ ବଖାଣିଗଲା । ଉପସ୍ଥିତ ଲୋକମାନେ ତା'କୁ ଜଣେ ପାଗଳ ଭାବି ମନରେ ଶଙ୍କା କଲେ । କେହି ଜଣେ ଖତେଇହୋଇ କହିଲା- "ଇଏ ସତରେ ପାଗଳ ଆଉ ! ସେଥିପାଇଁ ଜାଣିନି ଏଇଟା ପୋଲି କେସବୋଲି" ।

ଚକ୍ରଧର କିଛି ନ' ଶୁଣିଲା ପରି କାନରେ ଗୋଟିଏ ହାତରେ ମୋବାଇଲ ଦେଇ ଅନ୍ୟ ହାତରେ ଆହତ ଲୋକଟିର ଦେହରୁ ବୋହିଯାଇଥିବା ରକ୍ତକୁ ନିଜ ଗାମୁଛାରେ ପୋଛିବାରେ ଲାଗିଥାଏ । ଫୋନରେ ଥିବା ବ୍ୟକ୍ତିଟିର ନିର୍ଦ୍ଦେଶରେ ଯେମିତି ସେ ଏକ ମାନବ ଯନ୍ତ୍ରଭଳି ସବୁକିଛି କରିଚାଲିଥାଏ ।

ଲୋକଟିକୁ ସିଧା ଲମ୍ବ ଭାବରେ ଉପରକୁ ମୁହଁ କରି ଶୁଆଇଦେଇ ମୁଣ୍ଡଠାରୁ ଗୋଡ ଟିକେ ଉଚ୍ଚାରେ ରଖିଦେଇ କହିଲା "ହଁ ଶୁଆଇଦେଲି " ।

ଏହାପରେ ବେକ ତଳେ ସେହି ରକ୍ତ ଭିଜା ଗାମୁଛାକୁ ଠେକରା କରି ଦେଇଦେଲା ଯେମିତି ବେକ ସାମାନ୍ୟ ଟିକେ ବଙ୍କାହୋଇ ତାକୁ ଝୁଲି ରହିବ ଯାହାଦ୍ୱାରା ନିଶ୍ୱାସ ନେବାରେ କିଛି ଅସୁବିଧା ହେବନାହିଁ । ଦେହରେ ହାତ ମାରୁମାରୁ ଦେଖିଲା

ମୁଣ୍ଡ ପଛଆଡେ ରକ୍ତ ଜମାଟ ବାନ୍ଧି ଗୋଟେ ଆବୁ ହୋଇଯାଇଛି ।

"କ'ଣ ? ଫଟେଇ ରକ୍ତ ବାହାରକରିବାକୁ ପଡିବ ?"

ସଙ୍ଗେ ସଙ୍ଗେ ପକେଟରୁ ଛୋଟ ଛୁରୀକୁ ବାହାରକରି ସେହି ଆବୁଟିକି ଫଟେଇ ରକ୍ତ ବାହାର କରିଦେଲା ।

"ହଁ ହୋଇଗଲା"

ଓଃ ! ପୁଣି ରକ୍ତର ଢେଉ । ଆହତ ଲୋକଟି ହାତଟା ଟକେ ହଲେଇବାକୁ ଲାଗିଲା । ଚେତା ଫେରିଆସିବା ପରେ ଅତି କ୍ଷୀଣ ସ୍ୱରରେ ପାଣି ଖୋଜିଲା ଯେତେବେଳେ ଏସବୁ ଦୃଶ୍ୟ ଦେଖି କିଛି ସମୟ ପାଇଁ ସ୍ତବ୍ଧ ହୋଇଯାଇଥିବା ଲୋକମାନେ ଆଶ୍ୱସ୍ତିବୋଧ କଲେ । ଆଖିଆଗରେ ଘଟିଯାଉଥିବା ଏ ସମସ୍ତ ଘଟଣାବଳୀ ତାଙ୍କପାଇଁ କୌଣସି ରହସ୍ୟଠାରୁ ବି କମ ନ'ଥିଲା । ମଇଳା ପ୍ୟାଣ୍ଟସାର୍ଟ ପିନ୍ଧିଥିବା ଲୋକଟି ତ'ଜଣେ ଗାଉଁଲି ମୂର୍ଖ ଭଳି ଦେଖା ଯାଉଥିଲା ହେଲେ ଅଧିକ ରହସ୍ୟମୟ ଥିଲା ତାଙ୍କପାଇଁ ଫୋନ୍‌ରେ ନିର୍ଦ୍ଦେଶ ଦେଉଥିବା ଲୋକଟି । ସିଏ ଯିଏବି ହୁଅନ୍ତୁ ଜଣେ ମୁମୂର୍ଷୁକୁ ନିହାତି ମୃତ୍ୟୁମୁଖରୁ ଉଦ୍ଧାର କରିପାରିଥିବାରୁ ଅନ୍ତରରୁ ସମସ୍ତେ ଧନ୍ୟଧନ୍ୟ କହୁଥାନ୍ତି ।

ଆମ୍ବୁଲାନ୍ସର ସାଇରନ ।

ବଡ଼ ଡାକ୍ତରଖାନାର ଓଟି ଆଗରେ ପଦଚାରଣ କରିକରି ଥକି ଯାଇଥାଏ ଚକ୍ରଧର । ନିହାତି ଜଣେ ଅନ୍ତରଙ୍ଗ ଲୋକ ଭଳି ବ୍ୟସ୍ତ ଆଉ ବିବ୍ରତ ଚିତ୍ତରେ ଅପେକ୍ଷା କରିଥାଏ ସବୁଜ ବତୀର ସଙ୍କେତକୁ । ପାଖରେ ପଡିଥିବା ଚୌକିରେ ବସିପଡୁପଡୁ ଆଖି ଟିକେ ମୁଦିଆସିଛି । ଡାହାଣ କାନ୍ଧରେ ଅନୁଭବ କଲା ଏକ ହାତର ସ୍ପର୍ଶ ଆଉ କାନରେ ବାଜିଲା ଅତି ପରିଚିତ ବହୁ ପୁରୁଣା ଡାକ "ଆରେ ଚକୁରୁ" । ଚମକିପଡି ଯାହା ଦେଖିଲା ତାହା ଥିଲା ପଚିଶ ବର୍ଷ ତଳର ଇତିହାସର ଏକ ଚର୍ଚ୍ଚିତ ଚେହେରା ଓ ଜଣେ ପରିଚିତ ଭଗବାନ, ମର୍କତ କେଶରୀ ବଳବନ୍ତରାୟ ।

ଚର୍ଚ୍ଚିତ ଚେହେରା ଏଇଥିପାଇଁ ଯେ ମର୍କତ ବାବୁ ଥିଲେ ତାଙ୍କ ସମୟରେ ଜଣେ ଯୁବ କଲେକ୍ଟର । ସଚ୍ଚୋଟ ଆଉ ଡାଇନାମିକ ଅଫିସର ଭାବେ ପ୍ରତ୍ୟେକ ଦପ୍ତରରେ ସେ ସୁପରିଚିତ ଥିଲେ । ଗାଁ' ଠାରୁ ସହର ଯାଏ ସମସ୍ତେ ତାଙ୍କ ପ୍ରଶଂସା କରୁଥିଲେ । ଗରିବଠାରୁ ଧନୀଯାଏଁ ସମସ୍ତଙ୍କ ଭଲପାଇବା ଓ ଆଶୀର୍ବାଦ ତାଙ୍କ ଉପରେ ଥିଲା । ଅନ୍ୟ ପକ୍ଷରେ ପରିଚିତ ଭଗବାନ ଏଥିପାଇଁ ଚକ୍ରଧର ଯେତେବେଳେ ପେଟ ଚାଖଣ୍ଡକ ପାଇଁ ବାରଦୁଆର ଶୁଙ୍ଘିପିଣ୍ଡା ହେଉଥିଲା ମର୍କତବାବୁ ହିଁ କେବଳ ତା'ର ତ୍ରାଣକର୍ତ୍ତା ହୋଇ ତା'କୁ ଦାନା ଦେଇଥିଲେ । ନିଜ ଗାଡ଼ି ଚଳେଇବା ପାଇଁ ଘରେ ସାନଭାଇ ସ୍ନେହ ଦେଇ ରଖିଥିଲେ । ଅତି ସ୍ନେହରେ ତାକୁ 'ଚକୁରୁ' ବୋଲି ଡାକୁଥିଲେ । ଚକ୍ରଧର ପରିଶ୍ରମୀ ଥିଲା । ଏହା ସହିତ ବୋଲକରା ବି' । ଯେତେବେଳେ ଯାହା କରିବାକୁ କହିଲେ ହୋଇପାରିବନି କହିବା ଜାଣିନ'ଥିଲା । ତା' ପାଇଁ ସବୁ ସମ୍ଭବ । ସେଥିପାଇଁ ବାବୁ ତା'କୁ ବହୁତ ଭଲପାଉଥିଲେ । ବାବୁ ବଜାର ଗଲେବି ତା'କୁ ଖୋଜାପଡେ ତ' ଅଫିସ୍ ଗଲେବି ଖୋଜାପଡେ । ବାବୁ ଯେତେବେଳେ ମଞ୍ଚରେ ଥାଇ ଭାଷଣ ଦେଉଥାନ୍ତି ସେ ସବୁ କାନଡେରି ଶୁଣେ ଆଉ ତାକୁ କାମରେ ଲଗାଏ । ଏଇ ଯେମିତି ଅନ୍ୟକୁ ସାହାଯ୍ୟ କରିବା, ସମସ୍ତଙ୍କୁ ଭଲପାଇବା , ବୃଦ୍ଧ- ବୃଦ୍ଧାମାନଙ୍କୁ ବୟସ ହେଲେ ସେବା କରିବା, ନାରୀ ମାନଙ୍କୁ ସମ୍ମାନ ଦେବା ଓ ଯତ୍ନ ନେବା ଇତ୍ୟାଦି । ପିଲା ହେବାକୁ ଥିବାରୁ ପତ୍ୟେକ ମାସ ମାଆ ସାଆନ୍ତାଣୀଙ୍କୁ ମଧ୍ୟ ସେ ନେଇ ଡାକ୍ତରଖାନା ଯାଏ ଚେକ-ଅପ୍ ପାଇଁ ।

ଏମିତି ଦିନେ ସନ୍ଧ୍ୟା ସମୟରେ ମାଆଙ୍କର କଷ୍ଟ ଆରମ୍ଭ ହୋଇଗଲା । ସେଦିନ ଥିଲା ଡିସେମ୍ବର ମାସ ଏଗାର ତାରିଖ ।ଡାକ୍ତର ଦେଇଥିବା ଡେଟ୍ ପାଖେଇ ଆସିଥିବାରୁ ଚକ୍ରଧରକୁ ବାବୁଙ୍କ ସହିତ ଡାକ୍ତରଖାନା ଯିବାକୁ ପଡିଲା । ଡାକ୍ତରାଣୀ ମ୍ୟାଡ଼ାମ କହିଲେ ଠିକ ଟାଇମରେ ଆପଣ ନେଇଆସିଛନ୍ତି । କଷ୍ଟ ଧିରେ ଧିରେ ଅଧିକ ହେଉଥାଏ । ବାବୁ ଚକ୍ରଧରକୁ ସିଗାରେଟ ଆଣିବାକୁ ପଠେଇ ସେଇଠି ଅପେକ୍ଷା କଲେ । ଆଉ ଯେତେବେଳେ ଚକ୍ରଧର କିଛି ସମୟ ବ୍ୟବଧାନ ପରେ ଫେରିଲା ବାବୁ ଲୁଗାରେ ଗୁଡେଇହୋଇଥିବା ଏକ ଶିଶୁକୁ ଧରିଥାନ୍ତି । ସେ ମନେ ମନେ ଅନୁମାନ କରିନେଲା ଯେ ସବୁକିଛି ଭଲରେ ହୋଇଯାଇଛି । ଅତି ପ୍ରଫୁଲ୍ଲିତ ମନରେ କିଛି ପଚାରିବାକୁ ଉଦ୍ୟତ ହେଉଥିଲା କିନ୍ତୁ ବାବୁ ତାକୁ ଜୋର କରି ଟାଣି ଟାଣି ନେଇଆସିଲେ ପାଖରେ ଥିବା ବ୍ୟବହାର ହେଉନ'ଥିବା ଏକ ପରିତ୍ୟକ୍ତ ଲେବର ରୁମ୍ କୁ ।

ବାବୁ, ଏ ଅନ୍ଧାରରେ କ'ଣ କରିବା । ମୁଁ ପରା ଛୁଆକୁ ଟିକେ ଧରିଥାନ୍ତି । ଆଲୁଅରେ ଦେଖିଥାନ୍ତି କାହାଭଳି ହୋଇଛି ।

ଚକୁରୁ, ଗୋଟେ କାମ କରିବୁ । ତୋ ଉପରେ ମୋର ପୁରା ବିଶ୍ୱାସ ଅଛି ତୁ ପାରିବୁ ।

କୁହନ୍ତୁ ବାବୁ ।

ତୋ ମାଆ ଉଠିବା ଆଗରୁ ତୁ ୟା'କୁ ନେଇଯାଅ । ସେ ଉଠିଲେ ମୁଁ କହିବି ଚକୁରୁ ଆମ ଛୁଆକୁ ଚୋରିକରି ନେଇ ପଳେଇଛି । ବଜାର ଶେଷରେ ଥିବା ମୁନିସିପାଲିଟି ଅଳିଆ ଫିଲ୍ଡରେ ଫିଙ୍ଗିଦେଇ ଆସିବୁ । ଏଇଟା ଝିଅଟା । ଝିଅଟାକୁ ନେଇ ମୁଁ କ'ଣ କରିବି ?

ଚକ୍ରଧର ମୁଣ୍ଡରେ ବଜ୍ର ପଡିଲା ଭଳି ଲାଗିଲା । ଦୁନିଆ ଅନ୍ଧକାର ଦେଖାଗଲା ତାକୁ । ଇଏ କ'ଣ ସତରେ ମୋ ବାବୁ ନା' ବାବୁଙ୍କ ବେଶରେ କେହି ଜଣେ ଛଦ୍ମବେଶୀ । ମୋ ବାବୁ ତ' ସଭାରେ

ଝିଅଙ୍କୁ ଘରର ଲକ୍ଷ୍ମୀ ବୋଲି କୁହନ୍ତି,ନାରୀକୁ ସମ୍ମାନର କଥା କୁହନ୍ତି, ମାଆଙ୍କୁ ସେବା କଥା କୁହନ୍ତି । କିନ୍ତୁ ଏ କ'ଣ ମୁଁ ଶୁଣୁଛି ?

କିନ୍ତୁ ବାବୁ, ଆପଣଙ୍କ ଭଳି ଲୋକ ଯଦି ଏମିତି ଭାବିପାରୁଛନ୍ତି ତେବେ ସାଧାରଣ ଲୋକ କାହିଁକି ନ'ଭାବିବେ । ଆପଣ ନିଜେ କୁହନ୍ତି ଝିଅ ଆଉ ପୁଅ ଭିତରେ କିଛି ଫରକ ନାହିଁ ବୋଲି ।

ଚକୁରୁ ତୁ ବୁଝୁନୁ । ଏସବୁ କେବଳ ସଭା ସମିତିରେ ଭାଷଣ ଦେବା ପାଇଁ ଭଲ ଲାଗେ । କିନ୍ତୁ ବାସ୍ତବତା ପୁରା ଅଲଗା । ଗୋଟେ ପୁଅ କୁଳଫଂଶର ନାମ ରଖିବା । ବୁଢା ବୟସରେ ଆମ ସେବା କରିବ । ମୋ ଅଧୁରା ସ୍ୱପ୍ନକୁ ପୂରଣ କରିବ ।

ଆଉ ଝିଅ ?

ଝିଅ ଗୁଡାକୁ କିଛି କାମକୁ ନୁହନ୍ତି । କେବଳ ଘର କୋଣରେ ବସି କାନ୍ଦିବା ଜାଣନ୍ତି । ଘରେ ଥିଲାବେଳେ ବାପା ପାଇଁ ବୋଝ ହୁଅନ୍ତି । ଶାଶୂଘରେ ଯାଇ ପୋଇଲି ଭଳି କାମ କରନ୍ତି । ସ୍ୱାମୀ ଗୋଡ ମୋଡ଼ିଦିଅନ୍ତି ଆଉ ଛୁଆପିଲାଙ୍କର ମଳ ସଫା କରନ୍ତି । ମୁଁ କେବେବି ଏ ଝିଅକୁ ଗ୍ରହଣ କରିପାରିବିନି ।

ତା' ବୋଲି ଗୋଟେ ନିରୀହ ଶିଶୁକୁ....

ଆଉ କିଛି କହନି ଚକୁରୁ । ମୋର ପୁଅ ହେବ ବୋଲି ମୁଁ କେତେ କ'ଣ ଭାବିସାରିଛି । ସେ ବିଦେଶରେ ପଢ଼ିବ । ତା' ନାଆଁ ବି ଦେଇସାରିଛି । ଅଂଶୁମାନ । ଦ' ଗ୍ରେଟ ନିଉକ୍ଲିଅର ସାଇଣ୍ଟିଷ୍ଟ ଅଂଶୁମାନ ବଳବନ୍ତରାୟ । ତୁ' ଯେତେ ଶୀଘ୍ର ପାରୁଛୁ ମୋ ଆଖି ସାମ୍ନାରୁ ନେଇକି ଚାଲିଯାଅ ।

ବାବୁଙ୍କ ନିର୍ଦ୍ଦେଶରେ ସେ କଅଁଳା ଶିଶୁକନ୍ୟାକୁ ନେଇ ଚକ୍ରଧର ଚାଲିଗଲା ମୁନିସିପାଲିଟି ଅଳିଆ ଫିଙ୍ଗୀ ପଡିଆକୁ । କିଟିମିଟି ଅନ୍ଧାର ରାତି ଭାରି ଶୂନଶାନ ଲାଗୁଥିଲା । ଝାପ୍ସା ଆଲୁଅରେ ଦିଶୁଥିଲେ ରହି ରହି ଭୁକୁଥିବା କେତୋଟି ଶିକାରୀ କୁକୁର । ସବୁ ବିହ୍ୱଳତାକୁ ହୃଦୟରେ ଚାପିରଖି ନୂଆ ଦୁନିଆର ଏକ ଅଧୁରା ସମ୍ଭାବନାକୁ ସେଇଠି ଅଳିଆ ଗଦାରେ ଛାଡ଼ି ସେ ପଛକୁ ଫେରିବାକୁ ଚେଷ୍ଟା କଲା ।

ଡାକ୍ତରଖାନାର ପ୍ରସସ୍ତ ବାରଣ୍ଡାରେ ଆଲୁମିନିୟମର ଚୌକି ଉପରେ ବସିରହି ଲୋତକପୂର୍ଣ୍ଣ ନୟନରେ ମର୍କତବାବୁ ଚାହିଁ ରହିଥାନ୍ତି କାନ୍ଥଘଣ୍ଟାର ଘଣ୍ଟାକଣ୍ଟାଟିକୁ । ଏହା ଭିତରେ ପଚିଶ ବର୍ଷ ବିତିଗଲାଣି । ଅଜାଣତରେ ଚକ୍ରଧରର ହାର ଉପରକୁ ବାବୁଙ୍କ ହାତ

ଚାଲିଆସିଥାଏ ।

ବାବୁ, ଆପଣଙ୍କ ପୁଅ ?

ହିଁ, ଅଂଶୁମାନ ବଳବନ୍ତରାୟ ।

ବୈଜ୍ଞାନିକ ?

ନା ତେବେ ?

ଗୋଟେ ଅବାଧ ପୁଅ । ମଦ ଯାହା ପାଇଁ ବାପାମାଆ । କ୍ଲବ ଯାହାପାଇଁ ଘର । ମୋ ଶୃଙ୍ଖଳା ଯାହା ପାଇଁ ପରାଧିନତା । ଯାହାକୁ ତୁ ଆଜି ମରଣ ମୁହଁରୁ ବଞ୍ଚେଇକି ଆଣିଛୁ । ମୁଁ ହେଉଛି ତା'ର ସେହି ହତଭାଗା ବାପା । ମୁଁ ହାରିଯାଇଛି ଚକୁରୁ । ଏ ସବୁ ମୋ କୃତକର୍ମର ଫଳ । ପଚିଶ ବର୍ଷ ପରେ ଆଜି ପୁଣି ଥରେ ମୋତେ ଋଣୀ କରିଦେଲୁ । କ'ଣ କହି ତୋତେ ଧନ୍ୟବାଦ ଦେବି ଜାଣିପାରୁନି ।

ମୁଁ ଧନ୍ୟବାଦର ଯୋଗ୍ୟ ନୁହେଁ ବାବୁ । ଏ' ସବୁ ମୋ ଝିଅର କାମ । ମୁଁ କେବଳ ଫୋନରେ ତା' ନିର୍ଦ୍ଦେଶକୁ ଅନୁସରଣ କରିଛି ମାତ୍ର ।

ତୋ ଝିଅ କ'ଣ ଡାକ୍ତର ?

ହଁ, ନିଉକ୍ଲିୟର ବୈଜ୍ଞାନିକ କରିବାର ଇଚ୍ଛା ଥିଲା ମୋର କିନ୍ତୁ ତା'ର ଇଚ୍ଛାରେ ସେ ଡାକ୍ତର ହେଲା । ଭାରତର ଶ୍ରେଷ୍ଠ ପାଞ୍ଚଜଣ ଡାକ୍ତରଙ୍କ ଭିତରେ ମୋ ଝିଅର ନାଆଁ ।

ତା ନାଆଁ କ'ଣ ?

ସମ୍ଭାବନା ।

ହେଲେ ଚକୁରୁ ତୁ ତ ବିବାହ କରିନୁ ? ତେବେ ତୋ ଝିଅ..... ବୁଝିପାରିଲିନି ।

ସେ ଏକ ଲମ୍ବା କାହାଣୀ ବାବୁ । ଆଜକୁ ପ୍ରାୟ ପଚିଶ ବର୍ଷ ତଳେ ଡିସେମ୍ବର ଦଶ ତାରିଖ ରାତି ଦୁଇଟାବେଳେ ମୁନିସିପାଲିଟି ଆବର୍ଜନା ପଡିଆରେ କଳା ପଲିଥିନ ଭିତରେ ଏକ କୁଆଁକୁଆଁ କାନ୍ଦୁଥିବା ନବଜାତ ଶିଶୁ କନ୍ୟାଟିଏ । ଜନ୍ମ ସିନା କରିନି ହେଲେ ସେହି ଶୂନଶାନ ରାତିରେ ତିନି ଚାରିଟା ଶିକାରୀ କୁକୁରଙ୍କ ସହ ତିରିଶ ମିନିଟ୍ ଧରି ସଂଘର୍ଷ କରି ତାକୁ ଆଣିଛି । କାରଣ ଏ ଦୁନିଆକୁ ଆଉ ଦୁନିଆର କୁତ୍ସିତ ଚିନ୍ତାଧାରାକୁ ବଦଳେଇବାର ଏତେ ସବୁ ନିରାଶାର ଅଳିଆଗଦା ଭିତରେ ଗୋଟିଏ ମାତ୍ର କ୍ଷୀଣ ସମ୍ଭାବନା ମୁଁ ତା' ପାଖରେ ଦେଖିପାରିଥିଲି । ଯାହା ଆଜି ସତ ମଧ୍ୟ ହୋଇଛି ।

*ଓଡ଼ିଶା ଭାଷା ଓ ସାହିତ୍ୟ ବିଭାଗ,*
*ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ବେତନଟୀ,ମୟୂରଭଞ୍ଜ*

# ଚମ୍ପାନାନୀର ବାହାଘର

- ଲିଳାବତୀ ମହାପାତ୍ର

ମୋ ନଣନ୍ଦ ଝିଙ୍କିଝିଙ୍କି ନେଉଛି ମୁଁ ଝୁମୁଝୁମୁ କରି ଚାଲୁଛି । ଏମିତି କିଛି ସମୟ ଚାଲିବା ପରେ ଧାନବସ୍ତାକୁ ପେଲିଦେଲା ପରି ଗୋଟିଏ କୋଠରୀର କବାଟ ଖୋଲି ଥପକରି ତା'କୁ ଭିତରକୁ ପେଲି ଦେଲେ । ଏ ମା' । ଏ କ'ଣ ସେ ହାଁ କରି ଚାହିଁ ରହିଲା କି ସୁନ୍ଦର ରୂପ ସତେ କି କନ୍ଦର୍ପ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ଗୋରା ତକତକ ଚେହେରା । ମଲ୍ଲୀଫୁଲ ପରି ଚେହରା ଦିଶୁଛି । ଧୋବ ଫରଫର ଲୁଗା ପିନ୍ଧିଛି । ପାନ ଖିଲଟିଏ କଳରେ ଯାକି ମୁରୁକି ମୁରୁକି ହସୁଛି ।

ଏ ଥିଲା ଚମ୍ପିର ନୂଆ ଜୀବନର ନୂଆ କଥା । ଖୁସିରେ ଆତ୍ମହରା ହୋଇ ସାଙ୍ଗମାନଙ୍କ ଆଗରେ ତା'ର ଅଭୂତ ପୂର୍ବ ଅନୁଭୂତିକୁ ବର୍ଣ୍ଣନା କରୁଛି । ନ'ଦେଖିଲା 'ଓଉ ଛ ଫଡ଼ା' ପରି ଅବିବାହିତ ସାଙ୍ଗମାନେ ଆଁ କରି ଚମ୍ପାର କଥା ଶୁଣୁଛନ୍ତି । ମନ ତାଙ୍କର କୁତୁକୁତିଆ ହୋଇ ଉଠୁଛି । ଚମ୍ପାନାନୀର ବର ବିଷୟରେ ଆହୁରି ଅଧିକ ଶୁଣିବାକୁ ସେମାନଙ୍କ ମନରେ ଆଗ୍ରହ ଦେଖାଯାଉଛି ।

ଏମାନଙ୍କ ସମ୍ମୁଖରେ ଚମ୍ପି ପ୍ରଗଳଭ ପରି ଗପି ଚାଲିଛି କୁନୀ ମଫସଲ ଗ୍ରାମଟି ଶୋଇଯାଇଛି ନୀରବରେ ବିଶାଳ ଆକାଶ ଛାତିରେ ଚାନ୍ଦ ହସୁଛି ଖିଲିଖିଲି ହୋଇ କୌମୁଦୀ ସ୍ନାତ ରଜନୀ ଆହୁରି ମନମତାଣିଆ କରୁଥିଲା । ସେଦିନର ରାତିଟାକୁ ଅଭିସାରିକା ଚନ୍ଦ୍ରମା ବି କଳା ବାଦଲ ସହିତ ପ୍ରୀତି ରସରେ ରସାଣିତ ହେଉଥିଲା । ଚମ୍ପାକୁ ଏହିପରି ପ୍ରେମରସାପ୍ଳୁକ ରଜନୀରେ ପାଇ ତା' ସ୍ୱାମୀ ତା'କୁ କେତେ ଆଦର କରିଥିଲେ । ଆଗକୁ ଆଉ ଚମ୍ପାକିଛି କହିପାରିନ'ଥିଲା । ।ଲାଜର ରକ୍ତିମ ଆଭା ତା' ମୁଖମଣ୍ଡଳଟିକୁ ଛାଇ ଦେଇଥିଲା ।

ମୁହଁ ପୋତି କିଛି ସମୟ ଚୁପ୍ ରହିବା ପରେ କହିଲା ବଡ଼ିଭୋର ରୁ କବାଟ ବାଡ଼େଇବାର ଶବ୍ଦ ଶୁଣି ଧଡ଼ପଡ଼ ହୋଇ ଯାଇ କବାଟ ଖୋଲି ନଣନ୍ଦକୁ ଦେଖି ଲାଜେଇ ଯାଇଥିଲା । ନଣନ୍ଦ ଭାଉଜ ଦୁହେଁ ମିଶି ପୋଖରୀ ତୁଠକୁ ସ୍ନାନ କରିବାକୁ ବାହାରି ଯାଇଥିଲେ । ଜାଗୁଲୁ ଜାଗୁଲୁ ଅନ୍ଧାର ଚର୍ତୁଦିଗ ନିଃଶବ୍ଦ । କିଆବଣ, ବାଉଁଶବଣ, ତାଳବଣ ଦେଇ ସାରି ଫେରିବା ବେଳକୁ ଅଳ୍ପ ଫରଚା ଆଲୁଅ ଚର୍ତୁଦିଗରେ ବିଚ୍ଛୁରିତ ହୋଇଯାଇଥିଲା । ଛାଇ ଆଲୁଅର ଲୁଚକାଳି ଭିତରେ ଯେତିକି ଗାଁ' ଟିକୁ ଦେଖିଥିଲା । ଚମ୍ପିକୁ ମୋଟା ମୋଟି ଭାବରେ ସେତିକି ଭଲ ଲାଗିଥିଲା ।

ଚମ୍ପି ମୁଣ୍ଡରେ ସିନ୍ଦୂର ଟୋପାଏ ଲଗାଇ ପାକଶାଳାକୁ ଯାଇ ବୋହୂ ରନ୍ଧଣା କାର୍ଯ୍ୟରେ ବ୍ୟସ୍ତ ହୋଇଗଲା । କାର୍ଯ୍ୟ ଆରମ୍ଭ ପୂର୍ବରୁ ପଣତ କାନିରେ ମଙ୍ଗଳାଙ୍କୁ ସ୍ମରଣକରି ଗଣ୍ଠିଟିଏ ପକାଇଥିଲା । କାରଣ ତା' ବୋଉ ବି ମଙ୍ଗଳାଗଣ୍ଠି ପକାଇ ରାନ୍ଧୁଥିବାର ସେ ଦେଖିଥିଲା । ଘରୋଇ ଘରଝିଅ ଚମ୍ପି ତାକୁ ବା ରୋଷେଇ କାର୍ଯ୍ୟ କ'ଣ ବଳିଯିବ ? ଶାଶୁଙ୍କ ବରାଦ ମୁତାବକ ମାଛ ବେସର,ଶାଗ, ଡାଲି ,ଭାତ, ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନମାନ ପ୍ରସ୍ତୁତ କରିଦେଇଥିଲା ।

ବନ୍ଧୁବାନ୍ଧବ ମାନେ ଭୋଜନ କରୁଥିବା ସମୟରେ ଚମ୍ପି କବାଟ କୋଣରେ ଛିଡ଼ା ହୋଇଖାଲି ଥରୁଥାଏ । ଏ ସମୟରେ ଜଣେ ବ୍ୟକ୍ତି (ପରେ ସେ ମାମୁ ଶଶୁର ବୋଲି ଜାଣିଥିଲା) ପାଟି କରି କହିଲେ ସୁସ୍ୱାଦୁ ଭୋଜନ । ଧନ ଧନ (ଧନ୍ୟଧନ୍ୟ)ରେ ପଦିଆଝିଅ ଏ ଯେଉଁ ପେଦ (ପଦ,ସମ୍ମାନ)କାହାକୁ ମିଳୁଛି । ଏ କଥା ବର୍ଣ୍ଣନା ସମୟରେ ତା' ଛାତି କୁଣ୍ଢେମୋଟ ହୋଇଯାଉଥାଏ ।

ଦିନା କେତେ ଚମ୍ପିବାପ ଘରେ ରହି ଶାଶୁ ଘରକୁ ଚାଲିଗଲା । ଗଲାବେଳେ ସାଙ୍ଗସାଥୀଙ୍କୁ ଧରି ବହୁତ କାନ୍ଦିଥିଲା । ସାଙ୍ଗମାନେ ହସି ହସି କହିଲେ ଚମ୍ପି ତୋ ପରି ବରଘର ପାଇଲେ ଆମେ ଜମା କାନ୍ଦିବୁ ନାହିଁ । ଚମ୍ପି କିଛି କହିପାରିନ'ଥିଲା । ଚମ୍ପି ଶାଶୁଘରେ ବୋହୂର ସ୍ଥାନ ଅକ୍ତିଆର କରିସାରିଥିଲାଣି । ତେଣୁ ଶାଶୁସବୁ ଦାୟିତ୍ୱ ତାକୁ ଦେଇ କହିଲେ ତୁ' ଏଥର ତୋ ଘରଦ୍ୱାରକଥା ବୁଝେ । ତୋ ଦୟାହେଲେ ମୁଠାଏ ଖାଇବାକୁ ଦେଉଥିବୁ ନାହିଁ । ଚମ୍ପି ଦଉଡ଼ିଯାଇ ଶାଶୁଙ୍କ ମୁହଁରେ ହାତରଖି କାନ୍ଦି ପକାଇଥିଲା ।

ସେହିଦିଠାରୁ ଲୋଟଣୀ ପାରାପରି ସକାଳୁ ସଞ୍ଜଯାଏ ଚମ୍ପି ଘରର ସମସ୍ତ ଦାୟିତ୍ୱ ବହନ କଲା । ଚମ୍ପିର ଆଚାର ବ୍ୟବହାର ଥିଲା ମାର୍ଜିତ, ରୁଚି ସମ୍ପନ୍ନ । ଠିକ୍ ନର୍ମଦାନଦୀ ପରି ଛଳଛଳ ତା'ର ରାଜହଂସୀ ଚାଲି । ଯାଦୁକାରୀ ଆଖି ଯୋଡ଼ିକରେ ସମସ୍ତେ ବିମୋହିତ । ଖୁନ୍ଦାଖୁନ୍ଦି ହୋଇ ରହିଥିବା ଯୌବନର ମନଲୋଭ । ସମୟ ଗୁଡ଼ିକୁ କିଏ କ'ଣ ହାତଛଡା କରିପାରେ ? ଚମ୍ପି କିନ୍ତୁ କରିଦେଇଥିଲା ଶାଶୁଙ୍କ ପଦୁଟିଏ କଥାରେ । ସ୍ୱାମୀଙ୍କର ଶତ ଅନୁନୟ ବିନୟ ସତ୍ତ୍ୱେ ଚମ୍ପି ସ୍ୱାମୀ ସାଙ୍ଗରେ ଯାଇପାରିନଥିଲା ।

ଚମ୍ପିର ବ୍ୟବହାରରେ ତା ସ୍ୱାମୀ କ୍ଷୁବ୍ଧହୋଇ ଆଉ ଘର

ମୁହାଁ ହେଲେନାହିଁ । ପ୍ରତ୍ୟେକ ଶନିବାର ରବିବାର ଦିନ ଚାତକ ପରି ଅନେଇ ରହିଥାଏ ଚମ୍ପି । ସ୍ମୃତିକୁ ଚୋମନ୍ଥନ କରି ପୁଲକିତ ହୋଇ ଉଠୁଥାଏ । ସ୍ୱାମୀ ଙ୍କ ଫେରନ୍ତା ବାଟକୁ ଅନେଇ ଅନେଇ ଚମ୍ପିର ଆଖିରୁ ଲୁହ ଶୁଖି ଗଲାଣି । ଚିଠି ଲେଖି ଲେଖି ହାତ ଥକି ଗଲାଣି । ସବୁ ବ୍ୟର୍ଥ ବୋହୂର କାର୍ଯ୍ୟ ତୁଲାଉ ତୁଲାଉ ଅଜଣାନ୍ତରେ ସ୍ୱାମୀ ତାକୁ ବହୁଦୂରକୁ ଠେଲି ଦେଇଛନ୍ତି ।

ରାଗ ଜିଦ୍‌ରେ ସେ ମଧ୍ୟ ଚମ୍ପିକୁ ଭୁଲିଯିବାକୁ ଚେଷ୍ଟା କରିଛନ୍ତି । ତୁଣ୍ଡ ବାଇଦ ସହସ୍ର କୋଶ । ଚମ୍ପିର ସ୍ୱାମୀ ଆଉ ଜଣଙ୍କ ସାଥୀରେ ସ୍ୱାମୀ ସ୍ତ୍ରୀଭାବରେ ରହୁଛନ୍ତି । ପ୍ରଥମେ ପ୍ରଥମେ କାନ କୁହା କଥାକୁ ଚମ୍ପି ବିଶ୍ୱାସ କରି ପାରିନ'ଥିଲା । ତାକୁ ଏତେ ସ୍ନେହ ପ୍ରେମ କରୁଥିବା ପୁରୁଷ ଯେ ଆଉ ସାଥୀରେ ଛି'ଛି ଏଗୁଡ଼ିକ ଭାବିବା ହିଁ ପାପ ।

ନିଆଁ ନ' ଥିଲେ ଧୂଆଁ ବାହାରିବ ନାହିଁ । ତେଣୁ ଶାଶୁ ଦିଅରଙ୍କୁ ପଠାଇଛନ୍ତି ସତ୍ୟାସତ୍ୟ ବୁଝିବାପାଇଁ । ଦିନକ ପରେ ଦିଅର ଆସି ଯେତେବେଳେ ଘଟଣାଟିକୁ ଚମ୍ପି ସମ୍ମୁଖରେ ବର୍ଣ୍ଣନା କଲେ ଚମ୍ପି ସେହି ଅବି୍ବସନୀୟ କଥାଟିକୁ ନିଜ ବିଶ୍ୱାସର ପରିଧୀ ଭିତରକୁ ଆଣିବା ପାଇଁ ବାରମ୍ବାର ବିଭିନ୍ନ ପ୍ରଶ୍ନ ପଚାରିଥବଲେ । ହଠାତ୍ ଦୁଃଖର କଳାବାଦଲ ପରିବାର ଉପରେ ଛାଇଗଲା । କିଛି ସମୟ ଚୁପ୍ ରହିବାପରେ ଶାଶୁ ଚମ୍ପିକୁ ଧରି ତା' ସ୍ୱାମୀ ନିକଟକୁ ଗଲେ । ଚମ୍ପିକୁ ସେଠାରେ ଛାଡ଼ି ଚାଲି ଆସିଲେ ।

ଜବରଦସ୍ତ ଚମ୍ପି ସେଠାରେ ରହି ନିଜର ପ୍ରଭୁତ୍ୱ ବିସ୍ତାର କରିବାକୁ ଲାଗିଲା । ବିସ୍ତାର କଲା ତା'ର ହଜି ଯାଇଥିବା ଘରଣୀ ପଣିଆକୁ । ବିବାହିତ ସ୍ତ୍ରୀର ସ୍ଥାନ ରକ୍ଷତା ସ୍ତ୍ରୀ ଠାରୁ ନିଶ୍ଚୟ ସୁଦୃଢ । ଧର୍ମକୁ ସାକ୍ଷୀ ରଖି ବିବାହ କରିଥିବା ହେତୁ ହେଉ ବା ସମାଜକୁ ଭୟଭୀତ କରି ହେଉ ବିବାହିତା ସ୍ତ୍ରୀର ଟାଣ ପତା ସ୍ୱାମୀ ଠାରେ ଟିକିଏ ଅଧିକଥାଏ । ଚମ୍ପିର ସହଜାତ ଘରଣୀ ପଣିଆରେ ଅଣ ନିଶ୍ୱାସୀ ହୋଇ ସେ ସ୍ତ୍ରୀ ଲୋକଟି ଚାଲିଗଲା । ସମୟର ଚୋରାବାଲିରେ ସ୍ମୃତିରେ ତାଳଦେଇ ମୁହୁର୍ତ୍ତପରେ ମୁହୁର୍ତ୍ତ ଅତିକ୍ରାନ୍ତ କରି ପ୍ରେମସୁଧା ପାନ କରିବାରେ ନିମଗ୍ନହୋଇ ରହୁଥିବା ଚମ୍ପିର ପ୍ରେମର ସନ୍ତକ ସ୍ୱରୂପ ସ୍ନେହାର ଆର୍ବିଭାବ ଦୁଇଜଣଙ୍କୁ ମତୁଆଲ କରିଦେଇଥିଲା । ଝିଅଟି ବାପା , ବୋଉ ଡ଼ାକ ଶୁଣିବା ପାଇଁ ଦୁହେଁ ଅନେଇ ବସିଥିଲେ । କିନ୍ତୁ ଏ କ'ଣ ହେଲା ? ଦୁଇବର୍ଷ ହେଲାଣି ସ୍ନେହାତ କଥା କହୁନାହିଁ । ଡ଼ାକିଲେ ଶୁଣୁ ନାହିଁ ।

ଚମ୍ପିର ଦିନକୁ ଦିନ ମାନସିକ ରଖିବା ଉପବାସ ରହିବା କାମ ବଢ଼ିବଢ଼ି ଗଲା ଡାକ୍ତର ଙ୍କୁ ଦେଖାଇଲା । କୌଣସି ଉପାୟରେ ସ୍ନେହା ଭଲହେଲା ନାହିଁ । ଚମ୍ପି ବାପ ଘରକୁ ଗଲେ ଆଉ ପୂର୍ବପରି ପ୍ରଗଳଭ ହୋଇ କିଛି କହିପାରେନାହିଁ । କହିବା ପାଇଁ ଆଉ କିଛି ନାହିଁ । ସ୍ନେହା ସହିତ ସେ ବି ମୁକ ପାଲଟିଯାଇଛି । ସାଙ୍ଗମାନଙ୍କ ହସ ଖୁସିର ସଂସାର ଦେଖି ସେ ଖୁସି ହୋଇପାରୁନାହିଁକି ଇର୍ଷା ବି କରିପାରୁନାହିଁ । ସାଂସାରିକ ମନୁଷ୍ୟଠାରୁ ସେ ଏକ ଭିନ୍ନ ଧରଣର ମନୁଷ୍ୟ ହୋଇଯାଇଛି ।

ସ୍ନେହା ସହିତ ସେ ନିଜକୁ ଜଡ଼ିତ କରିପକାଇଛି । ସ୍ନେହାର ଭବିଷ୍ୟତ ପାଇଁ ରାତିଦିନ ଏକାକାର କରିପକାଉଛି । ସକାଳୁ ସ୍ନେହାକୁ ବ୍ୟାୟାମ କରାଇବା । ଦର୍ପଣ ସମ୍ମୁଖରେ ବସି ଓଷ୍ଠ ଚାଳନା କରିକଥା କହିବା ଶିଖାଇବା ଚମ୍ପିର ଦୈନନ୍ଦିନ ଜୀବନରେ ଏକ ପ୍ରମୁଖ କାର୍ଯ୍ୟ । ଚମ୍ପିର ଚେଷ୍ଟା ବିଫଳଯାଇଛି । ସ୍ନେହା ଏବେ ଖନେଇଖନେଇ କଥା କହୁଛି । ସ୍ନେହା କାନରେ ଶ୍ରବଣ ଯନ୍ତ୍ର ଲାଗିଛି ।

ସ୍ନେହା ବିଦ୍ୟାଳୟରେ ଥିବା ସମୟରେ ଚମ୍ପି ତରତର ହୋଇ ଘରର ସବୁକାମ କରିଦିଏ । ସ୍ନେହା ଆସିଲେ ସେ ସ୍ନେହା ସାଥୀରେ ସବୁବେଳେ ଥାଏ । ସ୍ନେହାକୁ ପାଠପଢ଼ାଇବା , ଖୁଆଇଦେବା, ଭଜନବୋଲି ଶୁଣାଇବା , ଚିତ୍ରଆଙ୍କବା, ଚେସ୍ ଖେଳିବା ଏହିପରି କେତେନା କେତେକାମ ସ୍ନେହାପାଇଁ ଥାକ ଥାକ କରି ସଜାଇ ରଖିଥାଏ । ଗୋଟାଏ ପରେ ଗୋଟାଏ ତା' ମନ ଜାଣି ସେ କାମରେ ପରିଣତ କରେ । ଏତେ ବଡ଼ ଦୁନିଆରେ ଚମ୍ପି ଓ ସ୍ନେହାର ପରିଧି ତାଙ୍କଘର ପରିସର ଭିତରେ ଆବଦ୍ଧ ହୋଇରହିଯାଇଥାଏ । ଚମ୍ପିନାନୀର ବାହାଘର ପାଇଁ ଆନନ୍ଦରେ ନାଚୁଥିବା ତା' ଭାଇ ଭଉଣୀ ଆଜି ତା' ଦୁଃଖରେ ମୁକ ପ୍ରାୟ ହୋଇଯାଇଛନ୍ତି ।

ରାଉରକେଲା

# ନିଆରା ଜୀବିକା

-ଗୀତାଞ୍ଜଳି ନାୟକ

ବାଟରେ ଗଲାବେଳେ ଏମିତି ବାର କଥା ମନକୁ ଭାବୁଥାଏ । ପାହୁଣ୍ଡ କିନ୍ତୁ ମୋର ଅଲକ୍ଷ୍ୟରେ ଜୋର୍‌ରେ ପଡୁଥାଏ । ସଞ୍ଜ ବୁଡ଼ିବା ପୂର୍ବରୁ କେମିତି ଯାଇ ଗାଁରେ ପହଞ୍ଚିବି । ଥୋଡ଼େ ବାଟ ଚାଲିସାରିବା ପରେ ନଈଟି ପଡ଼ିଲା । ନଈ ପାରିହେଲେ ମଦନପୁର, ତା'ପରେ ଯାଇ ଆମ ଗାଁ ଇଚ୍ଛାପୁର ପଡ଼ିବ । ମଦନପୁର ଗାଁ ସ୍କୁଲ ଠାରୁ ଇଚ୍ଛାପୁରକୁ ଯିବାକୁ ହିଡ଼ ବାଟ ରାସ୍ତା । ଏବେ ଧାନ କିଆରି ଭିତରେ ହିଡ଼ ଭଲକି ଦେଖା ଯାଉ ନଥିବ । ତେଣେ ଜନ୍ତୁ ଭୟ ସାଙ୍ଗକୁ ବିଲୁଆଙ୍କ ସଞ୍ଜବେଳ ରଡ଼ି ଯେମିତି ଭୂତ ମାଡ଼ିବସିଲା ପରି ଲାଗେ । ମୁଁ ଝାଳ ସରସର ହୋଇ ଝଅଟ ଯାଇ ଡଙ୍ଗାରେ ପାଦ ଦେବା କ୍ଷଣି ଡଙ୍ଗାଟା କୂଳ ଛାଡ଼ିଦେଲା । ଘାଟ ଡଙ୍ଗାରେ ଗାଁ ପଞ୍ଚାୟତ ବସିଲା ପରି ନାନା କଥା ଆଲୋଚନା ଚାଲିଲା । ସଉରା ଭାଇଟି ଆମର ଭାରି ଉପକାରୀ ମଣିଷଟିଏ । କି ଧନୀ କି ଗରିବ ସଉରା ବୋଲି ଡାକିଦେଲେ ଯେତେ ରାତି ହେଉ ଡଙ୍ଗା ସାଙ୍ଗେସାଙ୍ଗେ ଟେଇବ । ବୁଢ଼ା ହୋଇଗଲାଣି । ବିଚରା ଦେହରେ ହାଡ଼ ଗଣି ହୋଇଯାଉଛି, ଲୋଭ ବୋଲି ସଉରା ଭାଇର କିଛି ନାହିଁ । ଡଙ୍ଗାଟାକୁ କେମିତି ନେଇ ସମସ୍ତଙ୍କୁ କୂଳରେ ଭଲରେ ପହଞ୍ଚାଇବ, ସମସ୍ତଙ୍କ ପାଇଁ ଠାକୁରଙ୍କୁ ମୁଣ୍ଡିଆଟିଏ ମାରି କାତ ମାରିଚାଲେ । ମୋର ମନେ ଅଛି, ବାପାଙ୍କୁ ସେ ମହାଜନ ବୋଲି ଡାକେ । କାହିଁକି ନା ବାପା ତା'ରି ଡଙ୍ଗାରେ ଲୁଗା, ଡ୍ରେସ୍ ସହରରୁ ଆଣି ଗାଁରେ ବିକ୍ରି କରନ୍ତି । ବାପା ତାକୁ ବର୍ଷକୁ ୨ ଖଣ୍ଡ ଲୁଙ୍ଗି ଖୁସିରେ ଦିଅନ୍ତି । ଡଙ୍ଗା ଆସି କୂଳରେ ଲାଗିଗଲା । କାନ୍ଧରେ ବ୍ୟାଗ୍, ହାତରେ ବଡ଼ ବ୍ୟାଗ୍‌ଟିକୁ ଝୁଲାଇ ମୁଁ ଡଙ୍ଗାରୁ ଓହ୍ଲାଇଲି । ରାସ୍ତା କଡ଼ର ଦୁଇପଟର ଜମିକୁ ଦେଖିଦେଖି ଚାଲିଲି । ବାଟରେ କୋଉଠି ଖାଲ, କୋଉଠି ଆଣ୍ଠୁଏ ପାଣି । ଅନ୍ଧାରରେ ଗୋଡ଼ ଠଉରେଇ ଚାଲିଲି ଆଗକୁ । ଧାନର ବାସ୍ନା ମୋତେ ଭାରି ଭଲ ଲାଗେ । ଆକାଶରେ ମେଘ ଅଳସ ଭାଙ୍ଗୁଥାଏ । ଯଦି ଭୂଇଁକୁ ଛୁଇଁଦେଲା, ତା'ହେଲେ କଥା ସରିଯିବ । ତେଣୁ ଚାଲିବାର ଗତିକୁ ଟିକିଏ ଦ୍ରୁତ କଲି । ଏମିତିରେ ଆସି ଗାଁ ହୋଇଗଲା । ବାପା ଆସି ଗାଁ ମୁଣ୍ଡରେ ବସିଥା'ନ୍ତି ମୋତେ ସାଙ୍ଗରେ ନେବେ ବୋଲି । ବାପ, ପୁଅ କଥାବାର୍ତ୍ତା ହେଉହେଉ ଘର ଆସିଗଲା । ବୋଉ ମୋର ଦାଣ୍ଡରୁ ଘର, ଘରୁ ଦାଣ୍ଡ ଏମିତି ହେଉଥାଏ । ମୁଁ ଯାଇ ବୋଉକୁ ଡାକିଦେଲି । ବୋଉ ତା'ର ଖୁସିର ଲୁହକୁ ଅଟକେଇ ପାରିଲାନି । ତା' ଆଖି ଆପେଆପେ ଜକେଇ ଆସିଲା । 'ବାପାଟା ମୋର କେତେବେଳେ ଖାଇଥିବ ଚାଲେ' କହି ରୋଷେଇ ଘରେ ପଶି କେତେ କ'ଣ ତା'ର ହାତ ରୋଷେଇ ଧରି ଆଣିଲା । ପିଢ଼ାଟାଏ ପକେଇ ଦେଇ ଜଗି ବସିଥାଏ । ମୁଁ ଧୋଇ ହୋଇ ଆସିଲି । ବୋଉକୁ କହିଲି, ଏତେ ରକମ କରିଛୁ କ'ଣ ସବୁ ଗୋଟେ ଦିନରେ ଖୁଆଇ ବିଦା କରିଦେବୁ ନାଁ କ'ଣ ? ବୋଉ କହିଲା, ତୁ' ଆଗ ଖାଇଲୁ, କୋଉ ପହରୁ ବାହାରିବୁଣି, ଆଖି ପେଟ ପଶିଗଲାଣି । ମାମୁନି ଦୌଡ଼ି ଆସି କହିଲା, ଭାଇ, କୁଆଁର ପୁନେଇଁ ଡ୍ରେସ୍ ମୋର ଆଣିଛୁ ଦେ । ବାପା କହିଲେ ରହ, ଖାଇସାରୁ ସେ ଦେବନି, ବ୍ୟସ୍ତ ହେଉଛୁ କାହିଁକି ? ମାମୁନି ଖାଇସାରିବା ଯାଏ ଅପେକ୍ଷା କରି ପାରିଲାନି । ବ୍ୟାଗ୍ ସବୁ ଅଣ୍ଡାଳି ତା' ଡ୍ରେସ୍ ଧରି ଆସିଲା । କହିଲା, ଦେଖିଲୁ ବୋଉ, କେଡ଼େ ସୁନ୍ଦର ଡ୍ରେସ୍ ହୋଇଛି । ମହନି କୋଉଠି ଥିଲା ଆସି ପହଞ୍ଚିଗଲା । କହିଲା, ଭାଇ ମୋର ? ବାପା ଶୁଣି କହିଲେ, ଭେଣ୍ଡିଆଟିଏ ହେଲୁଣି ଛୁଆଙ୍କ ଭଳି ଖାଲି ଖେଳ । ସକାଳୁ ବାବୁଙ୍କର ବାଗୁଡ଼ି ଖେଳ ପାଇଁ ଅଭ୍ୟାସ ଚାଲିଛି । ୮ ଦିନ ପରେ ମ୍ୟାଚ୍ ପଡ଼ିବ ତ ବାବୁ ଆମର ବ୍ୟସ୍ତ ।

ତା' ପରଦିନ ସଞ୍ଜକୁ ସାଙ୍ଗମାନଙ୍କ ସାଙ୍ଗରେ ଗୁଲିଖଯି ପାଇଁ ମୁଣ୍ଡି ପାଖ ପୋଖରୀ ହୁଡ଼ାରେ ବସିଲୁ । ଗପସପ ବେଶ୍ ଜମିଲା । ସମସ୍ତେ ସମସ୍ତଙ୍କ ଘରକୁ ଚାଲିଗଲେ । ମୁଁ ଭାବିଲି କମଳି ଖୁଡ଼ୀକୁ ଟିକେ ଦେଖି ଆସିବି । ତା' ଘରକୁ ଗଲି । କବାଟ ବାଡ଼େଇ ଦେଖିଲି ଡିବିରି ଆଲୁଅରେ କମଳି ଖୁଡ଼ୀର ରୂପ ଯେମିତି ଶିରୀ ତୁଟିଗଲା ପରି ଲାଗୁଥାଏ । ଖାଲି ହାତକୁ, ଧଳା ଶାଢ଼ୀ, ମୁହଁଟି ବିନା ସିନ୍ଦୁର ଆଉ ଦୁଃଖରେ ଏମିତି ଝାଉଁଳି ପଡ଼ିଥାଏ, ଯେମିତି ବର୍ଷେ ଯାଏଁ ଗଛଟି ପାଣି ପାଇନି । ଆହା ପଦଟି ତୁଣ୍ଡରେ ରହିଗଲା । ରତନା ଦାଦା ଯେତେବେଳେ ବାହାରେ ଚାକିରୀ କରିଥିଲା, ସେତେବେଳେ ଘରେ ଖାଲି ହସ ଖୁସି ଛଡ଼ା କିଛି

ନଥାଏ । ଟିକିମିକି ଶାଢ଼ୀ ସାଙ୍ଗକୁ ନାଲି ସିନ୍ଦୁର ଟୋପା ମୁହଁଟିକୁ ଆହୁରି ସୁନ୍ଦର କରିଥାଏ । ତେଲ, ସାବୁନ୍, ଅତରରେ ଘରଟା ବାସି ଉଠୁଥିଲା । ଖାଇବା କଥା ଛାଡ଼, ମାଛ, ମାଉଁସ, ଖିରି, ପୁରି ସବୁବେଳେ ରନ୍ଧା ଚାଲିଥାଏ । ଥଟ୍ଟା ମଜାରେ ଦିନ ରାତି କୁଆଡ଼େ ସରି ଯାଉଥିଲା । ଘର ଭିତରେ ଗୁରୁବାରିଆଟା ଲଣ୍ଠନଟିଏ ଲଗେଇ କ'ଣ ଲେଖି ଯାଉଛି । କମଳି ଖୁଡ଼ୀ ସ୍ନେହରେ କହିଲା, "ବାପରେ କୋଉଦିନ ଆସିଲୁ ? ଆ, ଘରକୁ ଆ ।" ଗୁରୁବାରିଆ କହିଲା, "ଭାଇ, ଭଲ କଲ ତମେ ଆସିଲ । ମତେ ଏ ଅଙ୍କଟା ଜମା ଆସୁ ନଥିଲା । ମତେ ଟିକିଏ ବତେଇ ଦିଅ ।" ଅଙ୍କଟି ବତେଇ ଦେବା ଭିତରେ କମଳି ଖୁଡ଼ୀ ନାଲି ଚା' କପେ ଧରି ଆସିଲେ । ମୁଁ ଚା' କପ୍‌ଟି ପିଇଦେଇ ଘରକୁ ଆସିଲି । ଆଠ ଦିନ ଛୁଟି କୁଆଡ଼େ ପଳେଇ ଗଲାଣି ହେଲାନି । କଟକ ଫେରି ଆସିଲି ।

ଏହା ଭିତରେ ଅନେକ ସମୟ ବିତିଯାଇଛି । ୧୦ ବର୍ଷ ପରେ ବାପା ଫୋନ୍ କଲେ, ବୋହୂ ଓ ଆମ କୁନି ଝିଅକୁ ଆଣି ଆସିବୁ । କମଳି ଖୁଡ଼ୀଟା ମରିଗଲା । ଗୋଟିଏ ବୋଲି ପୁଅ ସେଇଆକୁ ଅନେଇ ଅନେଇ ଥିଲା । ହେଲେ ସେଇଟା ବି ତା' ଭାଗ୍ୟରେ ମିଳିଲାନି । ବିଚାରି ଚାହିଁ ଚାହିଁ ଆଖି ବୁଜିଲା । ମୋ ଫୋନ୍ କଥା ଶୁଣୁ ଶୁଣୁ ମୋ ସ୍ତ୍ରୀ ରୁପି ତା'ର ବ୍ୟାଗ୍ ଆଟାଚ୍ ବାହାର କରି ସାରିଲାଣି । ଗାଁକୁ ଯିବାକୁ ତା'ର ଭାରି ମନ । ବୋଉର ସ୍ନେହ ଆଉ ହାତ ରନ୍ଧା ଖାଇବା ପାଇଁ ପୁରା ପାଗଳ । ଫୋନ୍ ରଖୁ ରଖୁ କହିଲା, ଯାଅ ଝିଅକୁ ସ୍କୁଲରୁ ନେଇ ଆସିବ । ଆମେ ଯିବା । ରୁବିଟା ଭାରି ସ୍ନେହ କାଙ୍ଗାଳି । ବୋଉ କୋଳରେ ମୁଣ୍ଡ ଗୁଞ୍ଜି ଦେଇ ଟିକେ ଶୋଇ ପଡ଼ିଲେ ଗାଁରୁ ସତେ ଯେମିତି ସବୁ ପାଇଗଲା । ବୋଉ ହାତରନ୍ଧା ଖାଇଦେଇ ବାପା ଲଗେଇଥିବା ବାରିଆଡ଼େ ଟିକେ ବୁଲି ଆସିବ । ହାତରେ ଗୋଟେ ଡାଲିଆ ଧରି ଯାଇଥିବ । ବାଇଗଣ, ଭେଣ୍ଡି, କଲରା ଯାହା ପାଇବ ଧରି ଆସିବ । ମୋ ଝିଅର ମଜା କହିଲେ ନ ସରେ । ବାପାଙ୍କ ପିଠିରୁ ସିଏ ଓହ୍ଲେଇବା ନାଁ ଧରେନି । ଲାଉ ହେଇ ଗାଁ ସାରା ବୁଲି ଆସିବ । ଆଉ ଯାହା ତା' ଖାଇବା ଜିନିଷ ଆମ କଅଁଳା ବାଛୁରୀକୁ ନ ଦେଲେ ଖାଇବନି । ଆମେ ତିନିଜଣ ଯାକ ଶୀଘ୍ର ବାହାରି ପଡ଼ିଲୁ । ଗାଁରେ ପହଞ୍ଚି ଦେଖିଲୁ କମଳି ଖୁଡ଼ୀକୁ ମଶାଣୀକୁ ନେଇଗଲେଣି । ସମସ୍ତ ବ୍ୟବସ୍ଥା କିଏ ଜଣେ ସ୍ତ୍ରୀ ଲୋକ ସବୁ କିଛି କରି ଦେଇଥାଏ । ଆଉ ସମସ୍ତଙ୍କୁ ହାତ ଯୋଡ଼ି ନେହୁରା ହୋଇ କହୁଥାଏ ଟିକିଏ ଅପେକ୍ଷା କର, ଗୌରବ ଆସିଯିବେ । ଗୁରୁବାରିଆର ଭଲ ନାଁ କମଳି ଖୁଡ଼ୀ ଦେଇଥିଲା ଗୌରବ । ଗୁରୁବାରରେ ଜନ୍ମ ହୋଇଥିଲା ବୋଲି ନାଁ ଗୁରୁବାରିଆ । ସବୁବେଳେ କହନ୍ତି, ମୋ ପୁଅ ଆମ ଗାଁର ଗୌରବ ବଢ଼େଇବ, ନାଁ ରଖିବ । ଗୁରୁବାରିଆ କିଛି ସମୟ ପରେ ପହଞ୍ଚିଗଲା । ତା' ମା'ର ସବୁ କର୍ମ କଲା । ଏ ବ୍ୟବସ୍ଥା କିଏ କରିଛି ସବୁ ପଚାରିଲା । ସମସ୍ତେ କହିଲେ ତୁ କ'ଣ ଆମ ସାଙ୍ଗେ ଥଟ୍ଟା କରୁଛୁ । ଘରେ ଯାଆ ଦେଖିବୁ ତୋ ସ୍ତ୍ରୀକୁ ଆଗରୁ ପଠେଇ ଦେଇ ବ୍ୟବସ୍ଥା ସବୁ କରିବାକୁ କହିଦେଇ ଆମ ସଙ୍ଗରେ ଥଟ୍ଟା କରୁଛୁ । ଗୁରୁବାରିଆ କହିଲା, ମୁଁ ତ ବାହା ହେଇନି । ମୋ ସ୍ତ୍ରୀ ଆସିଲା ପୁଣି କୋଉଠୁ ? ଏତେ ସୁନ୍ଦର ପାଠପଢୁଆ, ଧନୀ ଘର ଝିଅ ପରି ଲାଗୁଛି । ଆମ ଗାଁ ଲୋକଙ୍କୁ ଏତେ ସୁନ୍ଦର କଥାବାର୍ତ୍ତାରେ ସମସ୍ତଙ୍କ ମନକୁ କିଣି ନେଉଛି । ଆଉ କୋଉ ଗୁଣ ତା' ପାଖରେ ଅଭାବ ଯେ, ତୁ ଆମକୁ କହିବାକୁ ଏତେ ସଙ୍କୋଚ ଲାଗୁଛି । ଆରେ ସମସ୍ତେ ତ ଆଜିକାଲି ଏମିତି ବାହା ହେଉଛନ୍ତି । ମା'ର ବର୍ଷିକିଆ ବେଳକୁ ବାହାଘର ଭୋଜି ଆଉ ବର୍ଷିକିଆ ଭୋଜି ଭଲକି ଦେଇଦେବୁ । ହେଲା, ଘରକୁ ଯାଆ ।

ଆଶ୍ଚର୍ଯ୍ୟ, ତା' କଥା କେହି ମାନିବାକୁ ନାରାଜ । ଘରକୁ ଯାଏ, କିଏ ମୋ ସ୍ତ୍ରୀ କହି ଗୁରୁବାରିଆ ଆସିଲା । ତା' ପଛରେ ମୁଁ ମ୍ଭ ଆସିଲି । ବୋହୂଟିକୁ ଗୁରୁବାରିଆ ପଚାରିଲା, ମୁଁ ତ ତୁମକୁ କେବେ ଦେଖିନି, ତୁମେ ମୋ ସ୍ତ୍ରୀ କେମିତି ହେଲ ? ମୁଁ ବୋହୂଟିକୁ ପଚାରିଲି, ଇଏ କ'ଣ ? ରହସ୍ୟ କ'ଣ ? କମଳି ଖୁଡ଼ୀର ନୀତି ଆଦର୍ଶରେ ବଢ଼ିଥିବା ପିଲା କେବେ ଏମିତି ମିଛ କହିବନି କି ଖରାପ କାମ କରିବନି । ଗରିବ ହୋଇପାରେ ସତ, କିନ୍ତୁ ଏସବୁ ତା' ପକ୍ଷେ ସମ୍ଭବ ନୁହେଁ । ଏଥିରୁ କାହା କଥା ସତ ? ବୋହୂଟି କହିଲା, ଠିକ୍ କହିଛନ୍ତି । ଆପଣ ଠିକ୍ ମଣିଷ ଚିହ୍ନିଛନ୍ତି । ପ୍ରକୃତରେ ସିଏ ସତ କହୁଛନ୍ତି । ମୋତେ ସିଏ ଦେଖିନାହାନ୍ତି କି ମୋତେ ବାହା ହୋଇନାହାନ୍ତି । ସିଏ ଜଣେ ସଚ୍ଚୋଟ, ପରୋପକାରୀ ଓ ପ୍ରଭୁ ଭକ୍ତ ଭୃତ୍ୟ । ମୁଁ ବି କେବେ ତାଙ୍କୁ ଦେଖିବାର ସୁଯୋଗ ପାଇନି । ଖାଲି ଯାହା ବାପାଙ୍କ ଠାରୁ ଶୁଣିଛି । ଘରେ ବାପା, ମା' କଥା ହୁଅନ୍ତି । ସବୁବେଳେ ଗୌରବ କଥା । ଏଥର ବି ଶୁଣି ଆଉ ରହି ପାରିଲିନି । କିଛି ନ କଲେ ହେବନି । ମୋ ବାପାଙ୍କ ଅପକର୍ମ ପାଇଁ ପ୍ରାୟଶ୍ଚିତ କରିବାକୁ ତାଙ୍କ ସ୍ତ୍ରୀ ହୋଇ ମୁଁ ଧାଇଁ ଆସିଛି ।

ମୁଁ ପଚାରିଲି, ତୁମ ବାପାଙ୍କ ପ୍ରାୟଶ୍ଚିତ ପୁଣି କ'ଣ ? ବୋହୂଟି ମୂଳରୁ ଆରମ୍ଭ କଲା । ଏ ଗୌରବ ଭୁବନେଶ୍ୱର

ସହରରେ କାମ ଖୋଜି ବୁଲୁଥିଲେ । ପାଠପଢ଼ା ଟିକେ କମ୍ ବୋଇଲେ ଆଜିକାଲିର ବି.ଏ. । ଏବେ ତ ବି.ଏ.ର କିଛି ମୂଲ୍ୟ ନାହିଁ । ହଠାତ୍ ଆମ କମ୍ପାନୀର ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ଖବରକାଗଜରେ ବିଜ୍ଞାପନ ଦିଆ ଯାଇଥିଲା । ସିଏ ପାଠ ପଢ଼ି ଆମ କମ୍ପାନୀରେ ଦୁର୍ଭାଗ୍ୟବଶତଃ ଚାକିରୀ ପାଇଗଲେ । ଦିନ ପରେ ମାସ, ବର୍ଷ ଗଡ଼ି ଚାଲିଲା । ତାଙ୍କ ଘରକୁ ମାସକୁ ମାସ ଟଙ୍କା ପଠାନ୍ତି । ଏମିତି ସରଳ ପ୍ରଭୁଭକ୍ତ ଅପେକ୍ଷାରେ ଯେମିତି ମୋ ବାପା ଅପେକ୍ଷା କରିଥିଲେ । ଦରକାର ଠାରୁ ଅଧିକ ପଇସା, ସ୍ନେହରେ ମୋ ବାପା ଗୌରବଙ୍କ ସରଳ ହୃଦୟରେ ଜଣେ ପ୍ରଭୁର ଆସନରେ ପୂଜା ପାଉଥା'ନ୍ତି । ଧିରେଧିରେ ମୋ ବାପାଙ୍କ କମ୍ପାନୀର ଅପମିଶ୍ରଣ କିମ୍ବା କ୍ୱାଲିଟି କମ୍ ବାଲା ଜିନିଷ, ଡୁପ୍ଲିକେଟ୍ ଜିନିଷ ପାଇଁ ପୋଲିସ୍ ହାତରେ ଧରା ପଡ଼ନ୍ତି । ପୋଲିସ୍‌ରେ ଗୌରବକୁ କୁହନ୍ତି ଯେ, ତୁ ତୋ ମୁଣ୍ଡ ଉପରକୁ ଦୋଷ ନେଇଯା । ମୁଁ ତୋତେ ଜେଲ୍ ରୁ ଆଣିବା ବ୍ୟବସ୍ଥା କରିଦେବି । ତୁ ବ୍ୟସ୍ତ ହେବୁନି । ଚାକିରୀ ବାହାନାରେ ଗୌରବ ଦୋଷ ନ କରି ମୋ ବାପାଙ୍କ ପାଇଁ ରୀତିମତ୍ ଜେଲ୍ ଯାଆନ୍ତି । ପ୍ରକୃତରେ ତାଙ୍କର ଚାକିରୀ ଥିଲା ଏମିତି । ବିନା ଅପରାଧରେ ଜେଲ୍ ଯିବା । ଆଉ ଦୋଷୀ ସାବ୍ୟସ୍ତ ହେବା । ଦୁନିଆ ଦାଣ୍ଡରେ ସେ ଜଣେ ଅପରାଧୀର ପରିଚୟରେ ପରିଚିତ । କିନ୍ତୁ ମୋ ବାପା ଦୋଷୀ ହୋଇ ଘରେ ଆରାମରେ ଥାଆନ୍ତି । ମୋ ମମି କିନ୍ତୁ ଗୌରବକୁ ଦେଖିବାପାଇଁ ଜେଲ୍ କୁ କେତେ ଥର ବାପାଙ୍କୁ ନ କହିଯାଆନ୍ତି । ଖାଇବା ଜିନିଷ କିଛି ନେଇଥା'ନ୍ତି । ଗୌରବ କୁହନ୍ତି, ମା' ଏଗୁଡ଼ା କାହିଁକି ଏଠିକି ଆଣି ଆସୁଛନ୍ତି ? ଏଇ ଖାଦ୍ୟ ସିନା ଆପଣମାନଙ୍କ ଭଳି ବଡ଼ଲୋକ ମାନେ ଖାଇବେ । ମୁଁ ଏଠି ବହୁତ ଭଲ ଖାଦ୍ୟ ଖାଉଛି । ଆମ ଘରେ ମୁଁ ଲୁଣ ଲଙ୍କା ଲଗେଇ ପଖାଳ ଖାଉଥିଲୁ । ତା'ପରେ ପୁଣି ଦିନେ ଦିନେ ଖାଡ଼ା ଉପାସ ରହୁଥିଲୁ । ବାପା ଯେତେବେଳେ ଥିଲେ ସମସ୍ତେ କୁହନ୍ତି ଆମେ କୁଆଡ଼େ ଭାରି ଭଲ ଜିନିଷ ଖାଉଥିଲୁ । ମୋର ହେତୁ ପାଇଲା ଦିନୁଁ ମୁଁ କାହିଁ ଭଲ ଜିନିଷ କ'ଣ ଦେଖିନି । ଖାଇବା ଦୂରର କଥା । ଏଠି ମୁଁ ପ୍ରଥମେ ଯେତେବେଳେ ଡାଲି, ଭାତ ଖାଇଲି ମୋର ଖୁସି କହିଲେ ନ ସରେ । ମୋ ବାବୁଙ୍କୁ କହିବ ମୋ ମା' ପାଖକୁ ପଇସା ପଠେଇଦେବେ । ବିଚାରୀର ମୋ ଛଡ଼ା ଆଉ କେହି ନାହାନ୍ତି । ମୁଁ ଏଠି ଡାଲି ଭାତ ଖାଇ ଆରାମରେ ଅଛି । ସିଏ ସେଠି କ'ଣ ଖାଇଲା, ନ ଖାଇଲା ତା' ଖବର କିଏ ବୁଝିବ ? ମମି ସେଇଠୁ କାନ୍ଦି କାନ୍ଦି ଘରକୁ ଆସନ୍ତି । ତାଙ୍କୁ ଏମିତି ଜମା ଠିକ୍ ଲାଗେନି । ରାତିରେ ମୋ ପାଖରେ ଶୋଇଲା ବେଳେ ସବୁ କହନ୍ତି । ଏମିତି ଥରେ ୧୫ ଦିନ ହେବ ଜେଲ୍ ରୁ ଆସିଥା'ନ୍ତି । ତାଙ୍କ ମା'ଙ୍କର ଦେହ ଖରାପ ଖବର ଆସିଲା । ସେତିକିବେଳେ ମୋ ବାପା ତାଙ୍କୁ ବ୍ଲମ୍ କଲେ ମେଡ଼ିସିନ୍ ଡୁପ୍ଲିକେଟ୍ କେସ୍‌ରେ ଜେଲ୍ ଯିବାପାଇଁ । ସେ ବହୁତ ଅନୁରୋଧ କରି କହିଲେ, ମୋ ମା'ର ଦେହ ଖରାପ । ମୁଁ ଏଥର ଯାଇ ପାରିବିନି । ଆଉ କାହାକୁ ଯୋଗାଡ଼ କର । ମୋ ବାପା ଏମିତି ବୁଝେଇ ଦେଲେ ଯେ, ଗୌରବର ଅନିଚ୍ଛା ସତ୍ତ୍ୱେ ବ୍ଲମ୍ ହୋଇ ଜେଲ୍ ଗଲା । ବାପା କହୁଥା'ନ୍ତି, ବ୍ୟସ୍ତ ହେବୁନି ମା' ପାଇଁ । ପଇସା ପଠେଇ ଦେବି । ସେ ବଡ଼ ଡାକ୍ତର ଦେଖେଇ ଭଲ ହୋଇଯିବ । ସେ ଦୀର୍ଘନିଃଶ୍ୱାସଟେ ଛାଡ଼ି ଚାଲିଗଲେ । ପ୍ରକୃତରେ ତାଙ୍କ ଚାକିରୀ ଥିଲା ଏମିତି । ଗୌରବ ଜେଲ୍‌ରେ ଥିବାବେଳେ ଖବର ଆସିଲା, ତାଙ୍କ ମା' ଚାଲିଗଲେ । ବାପାଙ୍କ ମନରେ ସେମିତି କିଛି ଦୁଃଖ ଆସୁନଥାଏ । ମୋ ମମି ନିଜର ସଞ୍ଚୟ ପଇସା , ଗହଣା ଧରି ବାହାରି ଗଲା । ବାପାଙ୍କୁ କିଛି କହି ନଥାଏ । ଆଉ ମୋ ହାତରେ କିଛି ପଇସା ଦେଇ ଗୌରବର ଗାଁକୁ ଯାଇ ତାଙ୍କ ମା'ଙ୍କର ଅନ୍ତିମ ସଂସ୍କାରର ବ୍ୟବସ୍ଥା କରିବାକୁ କହିଲା । ମୁଁ ଆସି ସବୁ ଏପଟେ କଲି, ମୋ ମମି ସେପଟେ ଓକିଲ ଠିକ୍ କରି ବେଲ୍‌ରେ ଗୌରବଙ୍କୁ ଜେଲ୍‌ରୁ ମୁକୁଳେଇ ଆଣି ଗାଡ଼ି କରି ପଠେଇଛନ୍ତି । ମା' ମରିବା ଶୁଣି ଜେଲର୍ ଛାଡ଼ିଦେଲେ ।

ମୁଁ ଗୌରବର ଏଇ ନିଆରା ଜୀବନ ଓ ଜୀବିକା ବିଷୟ ଶୁଣି ହତବାକ୍ ହୋଇଗଲି । ଏମିତି ପୁଣି ଜୀବିକା ଦୁନିଆରେ ଅଛି ? ଶ୍ରମିକ, ଗୋତି ଶ୍ରମିକ କେତେ କ'ଣ ପରିଶ୍ରମ କରିବା ଶୁଣିଥିଲି । ପେଟ ପୋଷିବା ପାଇଁ ହେଲେ କାହା ପାଇଁ ବିନା ଦୋଷରେ ଜେଲ୍ ଯାଇ ପେଟ ପୋଷିବା ମୁଁ ଶୁଣି ନଥିଲି । ଗୌରବକୁ ମୁଁ ପଚାରିଲି, ତୁ ଏମିତି ଚାକିରୀ କାହିଁକି କରୁଥିଲୁ ? ଗୌରବ କହିଲା, ଏକରେ ଚାକିରୀ ମିଳୁନଥିଲା । ମୁଁ ଚାକିରୀ ପାଇବା କଥା ଶୁଣି ମୋ ବୋଉ କେତେ ଦିଅଁଙ୍କୁ କେତେ କ'ଣ ମାନସିକ ପୂରଣ କରି ପକାଇଲା । ତା' ଖୁସି କହିଲେ ନ ସରେ । ବାପା ମରିବାର ଦୁଃଖ କିଛି ମାତ୍ରାରେ ମୋ ବୋଉ ମନରୁ ଲିଭେଇ ପାରିବି ବୋଲି ଭାବିଲି । ବୋଉ କହିଥିଲା, ବାହାରକୁ ଯାଉଛୁ, କାହାକୁ ଦରକାର ପଡ଼ିଲେ ସାହାଯ୍ୟ କରିବୁ । କିନ୍ତୁ କାହାକୁ ସାହାଯ୍ୟ କରିବୁ ବୋଲି ଚୋରି, ଡକାୟତି କି ଖୁନ୍ କରିବୁନି । ମାଲିକର

ଇମାନଦାର ହୋଇ ସବୁବେଳେ ରହିବୁ । କାରଣ ସେ ଆମର ଅନ୍ନଦାତା, ମାଲିକ । ତେଣୁ ମୋ ମାଲିକ ଜେଲ୍ ଯିବେ, ମୁଁ କେମିତି ସହି ପରିବି ? ତେଣୁ ମୁଁ ବୋଉ କଥାକୁ କେମିତି ମାନି ନଥା'ନ୍ତି ? ମାଲିକ ମୋର ହଜାର ହଜାର ଲୋକଙ୍କର ଅନ୍ନଦାତା । ସିଏ ଚାଲିଗଲେ ଆମ ସମସ୍ତଙ୍କର ଚୁଲି ଜଳିବନି ।

ବୋହୂଟି କହିଲା, ସତରେ ତମ ବାପା, ମା' ଧନ୍ୟ ହୋଇଛନ୍ତି ତୁମ ଭଳି ପୁଅକୁ ଜନ୍ମ ଦେଇ । ଅଥଚ ମୋ ବାପାଙ୍କର ଝିଅ ବୋଲି କହିବାକୁ ନିଜକୁ ଘୃଣା ଲାଗୁଛି । ହଜାର ହଜାର ଲୋକଙ୍କୁ ଠକି ନିଜ ଦୋଷକୁ କାହା ଉପରେ ଲଦି ଦେଇ ନିଜେ ରାଜମହଲ ପରି ଘରେ ବିଳାସ ବ୍ୟସନରେ ଦିନ କାଟୁଛନ୍ତି । ଏତେ ବଡ଼ ପଦରେ ଲୋକେ ତାଙ୍କୁ ବସାଇଛନ୍ତି । ହେଲେ କେତେ ନିରୀହଙ୍କ ଲୁହ, ଅସ୍ଥି, କଙ୍କାଳରେ ତାଙ୍କ ସିଂହାସନ, ଗାଡ଼ି, ବଙ୍ଗଳା ତିଆରି ତାହା କେବଳ ତାଙ୍କୁ ଜଣା । ଏମିତି ଲୋକର ଝିଅ ହେବା ଅପେକ୍ଷା ମୁଁ ଗୌରବଙ୍କ ଏଇ ଭଙ୍ଗା କୁଡ଼ିଆର ସ୍ତ୍ରୀ ହେବା ପାଇଁ ଚାହେଁ । ମୋର ସେ ପାପ ଧନ କିଛି ଦରକାର ନାହିଁ । ତାଙ୍କ ଧନ ଦୌଲତକୁ ମୁଁ କେବେ ବି ଗ୍ରହଣ କରିବିନି । ସିଏ ମଲା ପରେ ତାଙ୍କ ପ୍ରାୟଶ୍ଚିତ ପାଇଁ ମୁଁ ଏଇ ଗାଁରେ ସ୍କୁଲ୍, ମେଡ଼ିକାଲ୍, ଅନାଥାଶ୍ରମ କରିଦେବି । ମୁଁ ପାଠ ପଢ଼ିଛି, ତୁମେ ବି ପଢ଼ିଛ । ଆମେ କ'ଣ ଆମ ପାଇଁ ଖାଇବା, ପିଇବା ଯୋଗାଡ଼ କରି ପାରିବାନି ? ନିଜ ପରିଶ୍ରମରେ ଧନ ଉପାର୍ଜନ କରି ଖାଇବାରେ ଯେଉଁ ଶାନ୍ତି ଓ ଆନନ୍ଦ, ଯିଏ ଖାଇଛି, ସିଏ ଜାଣିଛି । ବହୁତ ଭରସାରେ ମୁଁ ଆସିଛି । ତୁମେ କି ମୁଁ ଆଉ ସେ ପାପ ମହଲକୁ ଫେରିବାନି । ଗୁରୁବାରିଆକୁ ମୁଁ ପଚାରିଲି, ତୁ' କ'ଣ କହୁଛୁ ? ବୋହୂ ପ୍ରସ୍ତାବରେ ତୁ' କ'ଣ ରାଜି ? ଗୁରୁବାରିଆ ଟିକେ ହସିଦେଲା ।

ଦୁନିଆରେ ଏମିତି ଧନୀ ଲୋକ ଅଛନ୍ତି, କାମ ଦେବା, ଚାକିରୀ ଦେବା, ଦାନାପାଣି ଦେବା ବାହାନାରେ ଏମିତି କାମରେ ନିୟୋଜିତ ନ କରନ୍ତୁ । କାମ ଦେବାପାଇଁ ଯଦି ତୁମର ସକ୍ଷମ ନାହିଁ, କାହା ଖରାପ ସମୟର 'ଫାଇଦା ଉଠାଅ ନାହିଁ । ପଇସା କହାପାଇଁ ରଖିବ ? କାହା ପାଇଁ ଧନ ରଖିବ ? ନିଜ ଛୁଆ ପାଇଁ ନା ? ଛୁଆ ଯଦି ସେ ଧନକୁ ଭୋଗ ନ କରିପାରେ ? ଗଣ୍ଡେ ଖାଇ ସାଧାରଣ ଜୀବନ ବଞ୍ଚିବା ବରଂ ଭଲ । ଏମିତି ଅନେକ ଲୋକଙ୍କର ଲୁହ, କୋହ ଆଉ ଅଭିଶାପର ଧନ, ସମ୍ପତ୍ତିରେ ବଞ୍ଚି ଲାଭ ବା କ'ଣ ? ନିରୀହ. ସଚ୍ଚୋଟ ମାନଙ୍କୁ ଦୋଷୀ ସଜାଇ ଦିଅନାହିଁ ।

*-ନୂଆପଡ଼ା, ବାଲିସାହି, କଟକ*


VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ପବିତ୍ର ସମ୍ପର୍କ

- ଶ୍ରୀ କୁଞ୍ଜ ବିହାରୀ ସାହୁ

ଆକାଶରେ କଳାମେଘର ବହଳ ଆସ୍ତରଣ । ଚାରିଆଡ଼େ ଘୂମନ୍ତ ମେଘର ପସରା । ଘନ ଘନ ଅଶନିର କାନ'ଟା ଚମକ । ଦେହ ମନରେ ଶିହରଣ ନେସି ହୋଇଯାଉଛି ଆପେ ଆପେ ।

ପଥିକ ଜଣଙ୍କ ଖୁବ୍ କ୍ଳାନ୍ତ-ଶ୍ରାନ୍ତ । ଆଖି ଆଗରେ ଅନେକ ବାଟର ପରିସୀମା । ଅଥୟ ମନ ଓ ଅବଶ ଦେହ । ନିରୋଳା ନିରୋଳା ମୁହୂର୍ତ୍ତ । ଚିରହରିତ ଅରଣ୍ୟର ବଳୟରେ ସେ ସଂପୂର୍ଣ୍ଣ ଏକାକୀ । ଚାରିପଟେ ପକ୍ଷୀର ମନମୁଗ୍ଧକର କାକଳି । ଚିହ୍ନା ଅଚିହ୍ନା ପଶୁମାନଙ୍କର ରଡ଼ି । ଭୀତି ଭରିଦେଉଛି ଗୋଟାପଣେ ମନ ଭିତରେ । ହେଲେ ବି ଏକାଏକା ଚାଲିବାକୁ ହେବ ପଥିକକୁ । ସାମ୍ନା କରିବାକୁ ହେବ ଆସନ୍ନ ବିପଦ ।

ଆଶା-ଆଶଙ୍କାର ଦୋଛକି ରାସ୍ତାରେ ଠିଆ ହେଲା କିଛି ସମୟ । ହଁ ଆଗକୁ ଚାଲିବାକୁ ହେବ । ଏମିତି ତ ଅନେକ ଥର ଚାଲିଛି ଏକଲା ଏକଲା । ଭେଟିଛି ଦୁଃଖ, ବିଷାଦ, ଅବସାଦ, ଏପରିକି ମିଠା ମିଠା ଅନୁରାଗ । ଭୟ ଭିତରେ ବି ପାଇପାରିଛି କିଛି ଆଶ୍ୱାସନା । ଆଗକୁ ଆଗକୁ ପାଦ ବଢେଇଲା ପଥିକ । ବିରାଟ ବରଗଛଟିଏ । ଅନେକ ବର୍ଷର ଜଣାପଡୁଛି ତା ବୟସରୁ । ବଡ଼ ବଡ଼ ଓହଳ । ଲମ୍ବି ଛୁଇଁଛି ମାଟିକୁ । ଆଶ୍ରୟ ନେବାର ଉପଯୁକ୍ତ ସ୍ଥଳୀ । ବୋଧହୁଏ ପଥିକକୁ ପାଖରେ ପାଇ ଖୁସି ହୋଇଛି ସେ । ଧନ୍ୟ ମନେ କରିଛି । ସେ ଖୋଜିନି ସୁନ୍ଦର ଅସୁନ୍ଦର ଅବା ଚିହ୍ନା- ଅଚିହ୍ନା । ସେ କୋଳେଇ ନେବାରେ ଆନନ୍ଦ ପାଇଛି । ସେ ଜାଣେ ପଥିକଟିଏ ତା କୋଳରେ ବିଶ୍ରାମ ନେଲେ ପଥିକଟିଏ ଶାନ୍ତି ପାଏ । ଏବଂ ଅପରପକ୍ଷେ ବରଗଛର ଅଶେଷ ଆନନ୍ଦ ।

ଦୃଷ୍ଟିର ପରିଧି ଭିତରେ ପଥିକ ବୁଲିଲା । ଦେଖିଲା ବରଗଛତଳେ ଆଶ୍ରିତ ତରୁଣି ଜଣେ । ପୋଟଳଚିରା ଆଖି । ଶୁଆପରି ନାସିକା । ବୁନ୍ଦାଏ ଅଳତାର ଓଠ । ଆଙ୍ଗୁଠିରେ ସଜ ଗୋଲାପର କଅଁଳ ପାଖୁଡ଼ା । ସୁଠାମ ଚେହେରା ମୁକୁଳିତ କେଶରାଶି । ପୋଷେ ଚାଉଳ ଧରିପାରିଲାପରି ନାଭିକୁ ଦେଖିଲେ ଆଖି ପୁରିଲା ପୁରିଲା ଲାଗେ । ଭାବଭଙ୍ଗୀରୁ ବାରିହୋଇପଡୁଛି କିଛି ହଜାଇଦେବାର ଅବସୋସ । ଏକ ଅସହାୟତାର ଦୋ ଛକିରେ ତରୁଣୀ ବୋଧହୁଏ !

ପଥିକ ସ୍ତବଧ, ଚକିତ । ମନରେ ଅନେକ ପ୍ରଶ୍ନର କୁହେଳିକା । ବୁଢ଼ିଆଣୀ ଜାଲ ସତେ ଯେମିତି ଗୁଡ଼େଇ ତୁଡ଼େଇ ହେଉଛି । ସାହସ ବାନ୍ଧିଲା ନିଜକୁ ନିଜେ । ଖୁବ୍ ସନ୍ତର୍ପଣରେ ପାଖେଇଗଲା ତରଣୀର । ପଚାରିଲା-ଦେବୀ, ଅନୁଭବ କରିପାରୁଛି ତୁମ ମନ ଭିତରେ କିଛି ଅବସୋସର ଛିଟା । କୁହ, ତୁମକୁ ଏ ଅସମୟରେ ସାହାଯ୍ୟ କରିପାରେ କି ? ଅନ୍ତତଃ ମନଟି ହାଲକା ହୋଇଯିବ ।

ସଂଯତ ଠାଣିରେ ନିଜର ଭାବ ବ୍ୟକ୍ତ କଲା ତରୁଣୀ । ନା ପଥିକ । ମୋର ସାହାଯ୍ୟ ଲୋଡ଼ା ନାହିଁ । ସାହାଯ୍ୟ-ସହଯୋଗର ଅଲୋଡ଼ା ଶବ୍ଦକୁ ଉଚ୍ଚାରଣ କରି ଅନେକ ପୁରୁଷ ମୋତେ ପ୍ରତାରିତ କରିଛନ୍ତି । ସେଭଳି ଯନ୍ତ୍ରଣାରେ ଛଟପଟ ହେବାକୁ ଚାହେଁନା । ମୁଁ ଜାଣେ ପୁରୁଷ ଜାତି ହିଁ ଶଠ । ତୁମେ ତ ପୁରୁଷ । କେମିତି ବିଶ୍ୱାସ ଭରିବି ମୋ ମନରେ ତୁମର ଏ ମିଛ ଆଶ୍ୱାସନା !

ପଥିକ ଦୀର୍ଘଶ୍ୱାସ ମାରିଲା ମନରେ । ଏଭଳି ଉତର ସେ କାହାଠୁ ପାଇନି ଆଜିଯାଏ । ନିଜକୁ ନିଜେ ଚିହ୍ନିପାରିଲାନି ସହଜରେ । ସତରେ ପୁରୁଷ ଜାତି କ'ଣ ପ୍ରତାରଣାର ଦାସ ।

ତରୁଣୀର ମୁହଁକୁ ଚାହିଁଲା ନିର୍ବିକାର ଭାବେ ।

ମନରେ କିଛି ସନ୍ଦେହ ନ ରଖି ଶାନ୍ତ-ଶିଳ ପଣିଆରେ ପଥିକ କହିଲା- ଶୁଣ, ମୁଁ ତୁମକୁ କଥା ଦେଉଛି.....

କଥା ମଝିରେ ବାଟ ଓଗାଳି ତରୁଣୀ କହିଲା- କି କଥା କହିବାକୁ ଚାହୁଁଛ ?

ପଥିକ ଜଣଙ୍କ ଆଶ୍ୱସ୍ତି ଅନୁଭବ କଲା । ହୃତ୍‌ପିଣ୍ଡରେ ହାତ ପକେଇଲା । ସ୍ପନ୍ଦନର ଗତି ଠିକ୍ ଅଛି । ଆଶ୍ୱାସନାର ମନ୍ତ୍ରରେ ମନ୍ତ୍ରିତ କରି କହିଲା- ମୁଁ ତୁମକୁ ମା' ଭଳି ସମ୍ମାନ ଦିଏ ।

ଅସୀମ ଜ୍ଞାନର ଅଧିକାରିଣୀ ତରୁଣୀ । ନିଜର ମାନସଚକ୍ଷୁକୁ ବିସ୍ଫାରିତ କଲା । ସଂସାରର ନିୟମକୁ ସୂଚେଇଦେଇ କହିଲା- ହେ ପଥିକ । ଘରେ ରହିଥିବା ମା' ମାନଙ୍କୁ ପୁରୁଷମାନେ ସମ୍ମାନ ବଦଳରେ ତିରସ୍କାର କରନ୍ତି । ବାତ୍ସଲ୍ୟ ମମତାରେ ଉବୁଟୁବୁ ମାଆକୁ ନିଜ ଜନ୍ମିତ ପୁତ୍ରୁ ଅନେକ ଦୁଃଖ ଦିଏ । ଭୋଗବିଳାସକୁ ପାଥେୟକରି ମା ନାଁ ରେ ଅପବାଦ ବୋଳିଦିଏ । ମା' ହୋଇଯାଏ ସର୍ବହରା । ସତେ ଅବା ଅଲୋଡ଼ା ମଣିଷଟିଏ ଏ ସଂସାରରେ । ବଂଚିବାରେ ରାହା ହଜାଇଦିଏ ମା' ଟିଏ ।

ତରୁଣୀର କଥାକହିବାର ଶୈଳୀ ଏକ ଦାର୍ଶନିକର ତତ୍ୱବୋଧରୁ ଆହୁରି ଶାଣିତ ବୋଲି ଅନୁଭବ କଲା ପଥିକ ।

କମ୍ ସମୟର ବିରତି ପରେ ପଥିକ କହିଲା- ମୁଁ ତୁମକୁ କନ୍ୟା ରୂପରେ ସାହାଯ୍ୟ କରିବାକୁ ଚାହେଁ ।

ଚଟାପଟ ଉତର ଦେଲା ତରୁଣୀ । ହଁ, ମୁଁ ଜାଣିଛି ସମୟ ଆସିଲେ ବାପ ଭୁଲିଯାଏ ନିଜ ଝିଅକୁ । ସେ ଜାଣେ ଆପଣାର ଗେଲବରଷର ଝିଅ ପରାଧୀନ । ଏକ ନିର୍ଦ୍ଦିଷ୍ଟ ସମୟରେ ପର ପୁରୁଷ ହାତରେ ସମର୍ପିଦିଏ । ବାପ ହେବାର ଅଧିକାରକୁ ଜାହିର କରେ । ଏପରିକି ନିଜ ଝିଅ ସହ ଅନ୍ୟାୟ, ଅନୀତିକାର୍ଯ୍ୟରେ ଲିପ୍ତ ହେବାକୁ ପଛାଏ ନାହିଁ । ନିଜର ପୁରୁଷପଣିଆକୁ ବିସ୍ତାର କରିଥାଏ ।

ଭାବ ବିହ୍ୱଳ ହୋଇଗଲା ପଥିକ । କହିବ ନ କହିବ ବୋଲି ଭାବୁ ଭାବୁ କହିପକେଇଲା – ଠିକ୍ ଅଛି । ଯଦି ତୁମ ମନରେ କିଛି ସନ୍ଦେହ ନ ଥାଏ, ତେବେ ତୁମକୁ ମୋ ପତ୍ନୀ ରୂପେ ସାହାଯ୍ୟ କରିପାରେ ।

ତରୁଣୀ ନିରବିଗଲା କିଛି କ୍ଷଣ । ନିଜ ଭିତରେ ଅଚାନକ ସାହସ ବାନ୍ଧି କହିଲା– ସନ୍ଦେହ ! ପତ୍ନୀକୁ ନିଜ ପ୍ରଭୁତ୍ୱରେ ବାନ୍ଧି ରଖିବାରେ ପୁରୁଷ କ'ଣ ପଛେଇଯାଇଛି ! ମିଛ ବାହାନା କରି ପେଟକୁ ଦାନା, ଦେହକୁ କନା ଖଣ୍ଡେ ଦେଇ ନିଜ ପତ୍ନୀର ସର୍ବସ୍ୱ ଲୁଟି ନେଇଯାଏ । ମଝି ରାସ୍ତାରେ ଅସହାୟ ଅବସ୍ଥାରେ ଛାଡିଦିଏ । ଆଦର୍ଶ ସ୍ୱାମୀ ବୋଲି ପରିଚୟ ଦିଏ । ଏୟା ପୁରୁଷର ଉପଯୁକ୍ତ ଲକ୍ଷଣ କି ? ହେ ପଥିକ ପ୍ରବର, ଏଭଳି ସମ୍ପର୍କର ପରିଭଷା ମୁଁ ଭଲଭାବରେ ପଢ଼ିଛି । ପୁରୁଷମାନେ ପାଖରେ ଥିବା ସୁନ୍ଦର ତରୁଣୀକୁ ଦେଖି ନଜର ଲାଗିଲାପରି କଥା କହିପାରନ୍ତି । ମାୟା–ମୋହ ଭରା ଏ ସଂସାରରେ ସମସ୍ତେ ନିଜର ପାରିଲାପଣିଆକୁ ଜାହିର କରି ମିଛ ପ୍ରତିଶ୍ରୁତି ଦେଇଥାଆନ୍ତି । ତୁମେ ତ ପଥିକ । ଆଗକୁ ଆଗକୁ ବାଟ ଚାଲିବା ହିଁ ତୁମ କାମ । ତୁମେ ତୁମ ବାଟରେ ଯାଅ । କାରଣ ମିଛ ବାହାନାରେ ସମୟର ଅପଚୟ ନ କରି ଲମ୍ବିଥିବା ବାଟରେ ଆଗେଇଯାଅ ପଥିକ..

ଏମିତି ପ୍ରାଞ୍ଜଳଭାବେ କହିଚାଲିଲା ପଥିକ । ମାୟା ମୋହ ସଂସାରରେ ନିଜକୁ ଆବିଷ୍କାର କରି ବେଶି କହିବାର ସାହସ କରିପାରିଲାନି ସହଜରେ । ଚିନ୍ତା କରିପାରିଲାନି କେମିତି ବୁଝାଇବ ସେ । କି ସମ୍ପର୍କର ଖିଅ ଯୋଡ଼ି ତରୁଣୀକୁ ସାହାଯ୍ୟ କରିପାରିବ । ଚାରିପଟେ ଘୋର ଜଙ୍ଗଲ । ଆନ୍ଦୋଳିତ ମନ । ତଥାପି ପଥିକ କହିଦେଲା– ହଁ ତରୁଣୀ, ମୁଁ ତୁମର ନିଃସ୍ୱାର୍ଥପର ଭାଇଟିଏ । ତୁମକୁ ଭଉଣୀ ରୂପେ ଗ୍ରହଣ କରି ସାହାଯ୍ୟ କରିପାରେ କି ?

ତରୁଣୀ ଉଲ୍ଲସିତ ହେଲା । ଏତେ ସମୟ ଧରି ଖୋଜୁଥିବା ଉତର ସେ ପାଇଗଲା । ଓଠରୁ ଚେନାଏ ହସ ଝରିପଡ଼ିଲା ଆପେ ଆପେ । ଦୁଇ ଆଖିରୁ ନିଗିଡ଼ିଗଲା ପବିତ୍ର ସମ୍ପର୍କର ଅମୀୟ ଲୋତକ । ନିଜକୁ ନିଜେ ବିଚାର କଲା ଏ ମାୟା ମୋହ ସଂସାରରେ ଭାଇ ଭଉଣୀର ସମ୍ପର୍କ ହିଁ ପବିତ୍ର ସମ୍ପର୍କ । ଅହେତୁକ ଭାବପ୍ରବଣତାରେ ହାତ ଧରିଲା ପଥିକର । ମୁରୁକି ହସି କହିଲା– ଆସ ଭାଇ, ଏ ଜନାକୀର୍ଣ୍ଣ ଜଙ୍ଗଲ ଭିତରେ ଅଙ୍କାବଙ୍କା ରାସ୍ତା ପାର ହୋଇ ଶିଘ୍ର ପଳେଇଯିବା । ସଞ୍ଜ ନଇଁ ଆସିଲାଣି । ତା ପୂର୍ବରୁ ଘରେ ପାଦ ବଢେଇଦେବା ।

ପଥିକ ଆଶ୍ୱସ୍ତିରେ ନିଶ୍ୱାସ ମାରିଲା ଘଡ଼ିଏ । ମନ୍ତ୍ରମୁଗ୍ଧ ହୋଇଗଲା ଆପେ ଆପେ । ଭଉଣୀ ବୋଲି ସମ୍ବୋଧନ କରି ପ୍ରଜ୍ଞାପୁରୁଷର ପରିଚୟ ଦେଇପାରିଛି ସେ । ସତରେ ଏ ସଂସାର କୁହେଳିକାମୟ । ମାୟା–ମୋହର ଭଉଁରୀଟିଏ ।

କଳାଘୁମନ୍ତ ଆକାଶ 'ର୍ଚ୍ଚା ଦିଶୁଥିଲା । ନା ଥିଲା ବିଜୁଳିର ଚମକ, ନା ଥିଲା ଭୟ–ଆଶଙ୍କାର ଦୋ ଛକି ରାସ୍ତା । ପରିବେଶ ହୋଇଗଲା ଶାନ୍ତ, ମନମୁଗ୍ଧକର, ମହନୀୟ । ଏହା ନିଶ୍ଚିତ ଯେ ଏଭଳି ପବିତ୍ର ସମ୍ପର୍କର ବନ୍ଧନକୁ ସ୍ୱାଗତ କରୁଥିଲା ।

ତରୁଣୀକୁ ଆଦରି ନେଇ ପଥିକ ପାରିବାରିକ ଆବେଗରେ । ଆଗେଇଗଲା ଆଗକୁ ଆଗକୁ । ପଛରେ ଛାଡ଼ିଯାଉଥିଲା ସେ ସ୍ଥାନ, ସେ ମୁହୂର୍ତ, ସେ ସମୟର କଥା ସମୂହ ।

ଏଲ୍ ଆଇ.ଜି–୧୫ ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର ୭୫୧୦୧୨

# ରାତି

**- ସୁଜାତା ସାହୁ**

ସକାଳର ସୂର୍ଯ୍ୟ ଆଉ ତାଙ୍କ ସୁନେଲି କିରଣ ରାତିର କାକର ବିନ୍ଦୁ ଉପରେ ପଡି ଝଲସୁ ଥାଏ ।ରାତି କଣ ସତରେ ଶାନ୍ତ ।ରାତି ସମସ୍ତଙ୍କ ପାଇଁ ସମାନ ନୁହେଁ ।ଦିନର କାର୍ଯ୍ୟ ବ୍ୟସ୍ତତା ଠାରୁ ଟିକେ ମୁକ୍ତି ପାଇଁ ରାତିର ଆବାହନ । ହେଲେ ଏଇ ଶାନ୍ତ ପ୍ରତିମୂର୍ତ୍ତୀ ଦର୍ଶାଉ ଥିବା ରାତିଟି କଣ ନିଜ ସ୍ୱଭାବ ପାଇଁ ସାଲିସ୍ କରେ କି ? ଅଇ.ସି.ୟୁ ରେ ପଡିଥିବା ରୋଗୀଟି ଯେତେବେଳେ କୃତ୍ରିମ ନିଃଶ୍ୱାସ ପ୍ରଶ୍ୱାସ ନେଉଥାଏ ସତରେ କେତେଯେ କଷ୍ଟ ତାକୁ ହେଉ ନଥିବ । ସେଥିପାଇଁ କୁହାଯାଏ ସବୁରାତି କାଳରାତି ନୁହେଁ କି ସବୁଦିନ ଶୁଭଦିନ ନୁହେଁ । ଦିନରେ ଖଟିଖଟି ରାତିରେ କ୍ଲାନ୍ତ ହୋଇ ପଡିଥିବା ଶ୍ରମିକଟି ରାତିରେ ଯେ କେତେ ଶାନ୍ତିରେ ଶୋଇପାରେ , ବଡବଡିଆ ମାନେ ବ୍ଲଡପ୍ରେସର ଔଷଧ ଖାଇ କଣ ଶୋଇ ପାରନ୍ତି ?

କିନ୍ତୁ ଷ୍ଟେସନରେ ସେ ବୁଢୀ ମାଉସୀ ମାଗିକି ଖାଇବା ପାଇଁ ଦିନଯାକ ଯେଉଁ ସଂଘର୍ଷ କରୁଥାଏ ସେ କଣ ଅଖିଆ ପେଟରେ ରାତିରେ ଶୋଇପାରନ୍ତା । ଏଇ ସହରି ବାବୁମାନେ ମୁଠାମୁଠା ଲାଂଚ ନେଇ ଭୁବନେଶ୍ୱରରେ ଗୋଟେ ପରେ ଗୋଟେ ସୁଉଚ୍ଚ କୋଠା କିଣିଛନ୍ତି । କ୍ୱଉ ମନ୍ଦିର କିମ୍ବା ଆଶ୍ରମର ଟ୍ରଷ୍ଟି ତ ନିଶ୍ଚୟ ହୋଇଥିବେ ନିଜର ନାଁ ଖବରକାଗଜର ପ୍ରଥମ ପୃଷ୍ଠାରେ ଶୋଭା ପାଇବା ପାଇଁ । ସତରେ କଣ ଦୟା ଆଉ ଦାନର ପ୍ରତିମୂର୍ତ୍ତୀ ମାନେ ଦେଖିପାରିଲେନି ସେଇ ଷ୍ଟେସନର ଛିଣ୍ଡାଲୁଗା ପିନ୍ଧା ଭୋକିଲା ମାଉସୀ ଟିର ଦୁଃଖ ।

ସେଦିନ ଥିଲା ଅକ୍ଟୋବର ମାସର କୌଣସି ଏକ ଦିନ । କଲିକତାରୁ ଓଡିଶା ଫେରୁଥାଏ । ଭୁବନେଶ୍ୱର ଷ୍ଟେସନରେ ଟ୍ରେନ୍ ରହିଲା । ଆରେ ଇଏ କଣ । କହିଥିଲି ଘରୁ କେହି ଆସିଲେନି ନାଁ କଣ । ଠିକ୍ ଅଛି ଅଟୋରେ ପଳେଇବି । ହେଲେ ଏତେ ରାତିରେ କାହିଁକି ଯିବି ? ଆଉ କେଇ ଘଣ୍ଟା ପରେ ତ ସକାଳ ହେବ । ଆରାମରେ ଯିବି । ହଠାତ୍ ଦେଖିଲି କେହିଜଣେ ସ୍ତ୍ରୀ ଲୋକ ସେ ବୁଢୀ ମାଉସୀକୁ ଖାଇବାକୁ ଦେଉଛନ୍ତି । ଆରେ ଇଏ କଣ । ଭୁବନେଶ୍ୱର ଷ୍ଟେସନରେ ପ୍ରତିଦିନ କେତେ ଲୋକ ଯା ଆସ କରନ୍ତି । ହେଲେ କିଏ ଅଁଇଠା ନହେଲେ ବାସିଖାଦ୍ୟ ଦେଇଥାନ୍ତି । ସେତେବେଳେ ସେ ମାଉସୀ ତାର ପେଟ ଯନ୍ତ୍ରଣା ସହି ନପାରି ସେସବୁ ଖାଇନିଏ । କଣ କରିବ ସେ । ଜୀବନ ଅଚିମାନେ ସେ ତ ପେଟ ଉପରେ ଦାଉ ସାଧିବ ନା । କଫି କପ୍ ଧରି ଆସୁ ଆସୁ ମୁ ସେ ସ୍ତ୍ରୀ ଲୋକକୁ ଦେଖେ । ହେଲେ ତାର ମୁହଁ ମୋତେ ଦୃଶ୍ୟ ହେଉନଥାଏ । ଭାରି ଇଛା ହେଉଥିଲା ସେ ଲୋକଟିକୁ ଧନ୍ୟବାଦ ଦେବା ପାଇଁ । ହେଲେ କାହିଁକି ? କଳିଯୁଗ ହେଲେବି ଏ ଦୁନିଆରେ ଭଲ ଲୋକ ବି ଅଛନ୍ତି । ନହେଲେ ଶୂନ୍ୟରୁ ଆରମ୍ଭ ହୋଇ ଏଇ ପୃଥିବୀଟା କେବେଠୁ ଶୂନ୍ୟରେ ସରି ସାରନ୍ତାଣି । ମୁଁ କଣ ସମସ୍ତଙ୍କୁ ଧନ୍ୟବାଦ ଦେବି ? ବିବାହିତା ସ୍ତ୍ରୀ ଲୋକଟା କଣ ଭାବିବ । ରାତିର ଅନିଦ୍ରା ଯେମିତି ଆଖିକୁ ମଦୁଆ କରି ଦେଉଥିଲା , ଏଇ କଫି କପ୍ ସେମିତି ସବୁ ସ୍ନାୟୁକୁ ଉତ୍ତେଜିତ କରିଦେଉଥିଲା । ନିଜର ଇଛା ଆଗରେ ମୁଣ୍ଡ ନୁଆଁଇ ଚାଲିଚାଲି ଯାଉଥାଏ ସେ ମହିଳା ପାଖକୁ ।

ପଛରୁ ଡାକିଲି,

ସେ ଉତ୍ତର ଦେଲେ,

ଆରେ ଇଏ କଣ । ଅମିଷା । ଅମିଷା ପଟ୍ଟନାୟକ ।

ଆରେ ତମେ ସୌମ୍ୟ ନା ?

–ହଁ

ତମେ କୁଆଡେ ଯିବ ବୋଧେ ?

ଟ୍ରେନକୁ ଅପେକ୍ଷା କରିଛ କି ?

ଏମିତି କହୁଥାଏ ସେ ।

ହେଲେ ମଥାରେ ସିନ୍ଦୁର ଆଉ ହାତରେ ଶଙ୍ଖା ପିନ୍ଧି ସୁନ୍ଦର ଦିଶୁଥିବା ସେଇ ଝିଅଟିକୁ ନିରେଖି ଦେଖୁଥାଏ ମୁଁ । ଏଇ ସେ ଝିଅ ଅମିଷା ପଟ୍ଟନାୟକ । ଗ୍ରାଜୁଏସନରେ ଇଂରାଜୀ ବିଭଗର ଟପ୍ପର ଆଉ କଲେଜର ସବୁଠାରୁ ସୁନ୍ଦରୀ ଝିଅ କ୍ୱଲେଜରେ ସବୁ ପୁଅମାନେ ଅନ୍ତତଃ ଥରେ ପ୍ରପୋଜ କରିବାକୁ ଚେଷ୍ଟା କରିଥିବେ ତାକୁ । କ୍ୱିନ୍ତୁ ଶରୀର ମାୟା ଜାଲରେ ନ ପଡି ଜୀବନର ଗତିପଥକୁ ସୁମଧୁର କରିବା ପାଇଁ ନିଜର ବାପା ମାଙ୍କର ସ୍ୱପ୍ନକୁ ପୂରଣ କରିବା ସବୁ ପିଲା ମାନଙ୍କର କର୍ତ୍ତବ୍ୟ । ସମସ୍ତେ ସେଥିପାଇଁ ପାଠପଢା ପ୍ରତି ଧ୍ୟାନ ଦେବା ପାଇଁ ଏ ପିଲାଟି କଲେଜରେ ସମସ୍ତଙ୍କୁ କହେ । ପ୍ରେମ ପାଇଁ ସମୟ ଆସିବ ହେଲେ କ୍ୟରିୟର ପାଇଁ ସମୟ ଆସିନପାରେ । ଏତେ ମିଠାକଥା ଶୁଣିଲା ପରେ ପଛରେ ଥିବା ସେଇ ପ୍ରେମିକଟା ସେଦିନ ଆଉ କେମିତି ପ୍ରପୋଜ କରିଥାନ୍ତା । ଅମିଷାକୁ ଦେଖିଲା ପରେ ମୋ ଭିତରେ ଥରବା

ସେଇ ପ୍ରେମ ପକ୍ଷୀଟି ବାରମ୍ବାର ଡେଣା ବାଡଉ ଥାଏ । ହେଲେ ଅମିଷା ବିବାହିତା ବୋଲି ମୋ ମସ୍ତିଷ୍କର ସ୍ନାୟୁମାନେ ହୃଦୟର ସ୍ପନ୍ଦନ ଉପରେ ମାଡିବସିଲେଣି ।

ସେ କହିଲା-ତମେ କଣ ଏକା ?

ତମ ବାହାଘରକୁ ଡାକିଲନି ଯେ ।

କଲେଜ ସରିବା ପରେ ତମ ମାନଙ୍କ କଣ୍ଟାକ୍ଟ ନମ୍ବର ପାଇଲିନି ।

ଆଉ ତୁମ ସ୍ୱାମୀ ଆସିନାହାନ୍ତି କି ?

ନାଁ ।

ସେ ସଫ୍ଟୱୟାର ଇଂଜିନିୟର । ବାଙ୍ଗାଲୋରରେ ରହନ୍ତି । ଘରକୁ ଆସିଥିଲି,ଏବେ ବାଙ୍ଗାଲୋର ଫେରୁଛି ।

ଆଛା ସୌମ୍ୟ ତୁମେ ବାହା ହୋଇନ ତ ? ସେ ପଚାରିଲା ।

ନାଁ ।

ମୁଁ ଶୁଣିଥିଲି ତମେ ଜବ୍ କରିଛ ।

ହଁ ବାଙ୍ଗାଲୋରର ଏକ ପ୍ରାଇଭେଟ୍ ସ୍କୁଲରେ ଇଂରାଜୀ ଶିକ୍ଷକ ।

ଏତିକିବେଳେ ସେ ମାଉସୀ ଆସି କହୁଥାଏ – ମା ତମେ ଆଜି ମୋତେ ପେଟପୁରା ଖାଇବାକୁ ଦେଲ । ଭଗବାନ ତମ ଦୁଇଜଣଙ୍କୁ ସୁଖରେ ରଖନ୍ତୁ । ବାବୁ ଆପଣଙ୍କ ସ୍ତ୍ରୀ ବହୁତ ଭଲ । ମାଉସୀ କଥା ଶୁଣି ଆମେ ଦୁହେଁ ଚୁପ୍ ରହିଲୁ । ଆହା ସେଇ କଥା ପଦିଏ ସତ ହୋଇଥାଆନ୍ତା କି । ସେ ରାତି ମୋ ଜୀବନରେ ଅଭୁଲା ସ୍ମୃତି ହୋଇ ରହିଗଲା । ନିଜେ ନିଜକୁ ପ୍ରତିଷ୍ଠା କଲା ବେଳକୁ ଅମିଷାର ବାହାଘର । ମୁଁ କହିବାକୁ ଚାହୁଁଥିବା କଥା ସବୁଦିନ ପାଇଁ ଅକୁହା ରହିଗଲା ।

ସୌମ୍ୟ, ମୋ ଟ୍ରେନ୍ ଟାଇମ୍ ହୋଇଗଲାଣି । ମୁଁ ତେବେ ଆସୁଛି । ଚାଲ , ମୁଁ ଛାଡିଦେଇ ଆସୁଛି ।

ସେଦିନ ପ୍ରଶାନ୍ତି ଏକ୍ସପ୍ରେସ୍ ଯେମିତି ଗର୍ଜନ କରି ଆସୁଥାଏ ସତେ ଯେମିତି ଗୋଟେ ତାଛଲ୍ୟ କରୁଛି । ଅମିଷା ମତେ କହୁଥାଏ ସୌମ୍ୟ ତମେ ଏବେ ଓଲ୍ହେଇପଡ । ଟ୍ରେନ୍ ଛାଡିବା ଟାଇମ୍ ହୋଇଗଲାଣି ।

ସତରେ ଟ୍ରେନତ କେବେଠୁ ଦିଗହରା ହୋଇ ଆଉ କଉ ଷ୍ଟେସନରେ ପହଂଚିଗଲା । ଅମିଷା ମୋ ହାତକୁ ଛୁଇଁ କହୁଥାଏ ଅରେ ତୁମେ କଣ ଭାବୁଛ ଏତେ ?

ଓକେ, ବାୟ୍ । ଆସୁଛି ।

ସେଇ ବୁଢୀ ମାଉସୀ ପାଇଁ ଆଜି ଅମିଷା ସହ ସାକ୍ଷାତ । ଜୀବନରେ ପ୍ରଥମ ପ୍ରେମ କେବେ ଭୁଲି ହୁଏନା । କେହିକେହି ସାହିତ୍ୟିକ ତାଙ୍କ ଲେଖାରେ ଲେଖିଛନ୍ତି ପ୍ରେମ ବାରମ୍ବାର ହୁଏ ବୋଲି । ମିଛ । କବିର କଳ୍ପନା ତ ଆମ ଗାଁର ମୁଣ୍ଡିଆ ପାହାଡକୁ ହିମାଳୟ ପର୍ବତ ସମାନ କରିଦିଏ । ତା ବୋଲି ତାହା କଣ ସତ ?

ସେଇଦିନଠାରୁ ବିଜନେସ୍ କାମରେ ଯେତେବେଳେ କଲିକତା ଯାଏ ସେତେବେଳେ ସେ ମାଉସୀକୁ ଖୋଜେ । ପେଟଭରି ଖାଇବାକୁ ଦିଏ ଆଉ ତା ହାତରେ ଦିଏ କିଛି ଟଙ୍କା କେତେଥର ମାଉସୀକୁ ଆମ ଘରକୁ ଡାକିଛି । କିନ୍ତୁ ମାଉସୀ ମନାକରି କହେ ନାଁ ପୁଅ ଏଇ ଷ୍ଟେସନରେ ମୋ ଘର । ଏଇ କୋଳାହଳ ଭିତରେ ଜୀବନର ସବୁ ଦୁଃଖ ମୁଁ ଭୁଲିଯାଇଛି ।

ଛିମା,ଖୋର୍ଦ୍ଧା



IBMS No.1 INSTITUTE
IBM'S
SINCE-2005
BANK PO/CLERK
SSC +2/GRADUATE
RLY Tech./Non Tech.
OAS BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES.
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S
CHANDI CHHAK & PALAMANDAP(Near Barabati Gas)CTC

CBSE XII
2018 RESULT

# ROUT CLASSES
# For Mathematics

Akankshya Baisakh – DAV PUBLIC SCHOOL, CDA, Cuttack – MATH SCORE 98/100

Sidhartha – DAV, Chandrasekharpur, BBSR – MATH SCORE 96/100

Amit Pradhan – DAV Public School, CDA, Cuttack – MATH SCORE 95/100

Madhusmita Agasti – DAV PUBLIC SCHOOL, CDA, Cuttack – MATH SCORE 94/100

Nitu Mohapatra – MATH SCORE 91/100

Sarthak Satapathy – Mother's Public School, BBSR – MATH SCORE 90/100

Triparna Mishra – Delhi Public School – MATH SCORE 89/100

Bidyut – DAV Public School, Unit-8, BBSR – MATH SCORE 89/100

Namrata Jena – MATH SCORE 83/100

& many more....

ROUT CLASSES
Blooming the Hidden Treasure

94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar, VSS Nagar, BJB Nagar, Bomikhal (BBSR)

YouTube

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଆ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ